بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର୍

Weekly BADAR Qadian Odia

କାଦିଆନ

ଖଣ୍ଡ 5 | ସଂଖ୍ୟା 7

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

13 ଫେବୃୟାରୀ 2020 | 13 ତବ୍‌ଲିଗ୍ 1399 ହି.ଶ | 18 ଜମାଦିଲ୍ ସାନି 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَلَا تَحۡسَبَنَّ الَّذِیۡنَ قُتِلُوۡا

فِیۡ سَبِیۡلِ اللّٰہِ اَمۡوَاتًا ؕ

بَلۡ اَحۡیَآءٌ عِنۡدَ رَبِّہِمۡ یُرۡزَقُوۡنَ ۝

(آل عمران:170)

ଅନୁବାଦ- ଏବଂ ଯେଉଁମାନେ ଅଲ୍ଲାଃଙ୍କ ପଥରେ ନହିତ ହୋଇଛନ୍ତି ତୁମେ ସେମାନଙ୍କୁ କଦାପି ମୃତ ମନେ କର ନାହିଁ ବରଂ ସେମାନେ ନିଜ ପାଳନକର୍ତାଙ୍କ ସମୀପରେ ଜୀବିତ ଅଛନ୍ତି (ଓ) ସେମାନଙ୍କୁ ଜୀବିକା ପ୍ରଦାନ କରାଯାଉଛି ।

*(ଆଲେ ଇମରାନ୍: ୧୭୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

# ପେଶ୍‌ଗୋଇ ହଜ୍‌ରତ୍ ମୁସ୍‌ଲେହ୍ ମଉଦ

**ହଜରତ ମସିହ ମଉଦ ଆ:ସ କହୁଛନ୍ତି:-**

**ବିଇଲହାମିଲ୍ଲାହି ତାଆଲା ଓ୍ୱ ଇଲାମିହି ଅଜ ଓ୍ୱ ଯଲ୍ଲାଃ** ଅଶେଷ ଦୟାଳୁ କରୁଣାମୟ ଓ ଶ୍ରେଷ୍ଠତମ ଈଶ୍ୱର ଯିଏ ପ୍ରତ୍ୟେକ କାର୍ଯ୍ୟ କରିବାକୁ ପୂର୍ଣ୍ଣ ରୂପେ ସକ୍ଷମ । **(ଯଲ୍ଲ ଶାନୁହୁ ଓ୍ୱ ଅଜ୍ଜଇସ୍‌ମୁହୁ)** ମତେ ନିଜର ଏଲହାମ୍ ଦ୍ୱାରା ସମ୍ବୋଧନ କରି କହିଲେ ଯେ ମୁଁ ତୁମକୁ ଏକ କରୁଣାର ନିଦର୍ଶନ ପ୍ରଦାନ କରୁଛି, ଏହା ସେହି ପରିପ୍ରେକ୍ଷିରେ ଯାହା ତୁମେ ମୋ ନିକଟରୁ ଇଚ୍ଛା କରିଅଛ । ସୁତରାଂ ମୁଁ ତୁମ ବ୍ୟାକୁଳ ନିବେଦନକୁ ଶୁଣିଲି ଓ ତୁମ ପ୍ରାର୍ଥନାକୁ ନିଜ କରୁଣା ଦ୍ୱାରା ଗ୍ରହଣୀୟତା ପ୍ରଦାନ କଲି ଏବଂ ତୁମ ଯାତ୍ରାକୁ (ଯାହା ହୁଶିୟାରପୁର୍ ଓ ଲୁଧିୟାନାର ଯାତ୍ରା ଅଟେ) ତୁମ ପାଇଁ ମୁବାରକ୍ କରିଦେଲି । ତେଣୁ ଶକ୍ତି, କରୁଣା ଓ ସମୀପତାର ନିଦର୍ଶନ ତୁମକୁ ଦିଆଯାଇଅଛି । କୃପା ଓ ଅନୁଗ୍ରହର ନିଦର୍ଶନ ତୁମକୁ ପ୍ରଦାନ କରାଯାଉଅଛି ଏବଂ ବିଜୟ ଓ ସଫଳତାର ଚାବିକାଠି ତୁମକୁ ମିଳୁଅଛି ହେ ବିଜୟୀ ତୁମ ଉପରେ ଶାନ୍ତି ବର୍ଷଣ ହେଉ । ଖୁଦାତାଲା ଏହା କହିଲେ ଫଳତଃ ଯେଉଁମାନେ ଜୀବନ ଚାହୁଁଛନ୍ତି, ସେମାନେ ମୃତ୍ୟୁର ପଞ୍ଜାରୁ ମୋକ୍ଷ ପାଇବେ ଏବଂ ଯେଉଁମାନେ କବର ଭିତରେ ପଡ଼ି ରହିଛନ୍ତି, ସେମାନେ ବାହାରକୁ ବାହାରିବେ ଫଳତଃ ଇସ୍‌ଲାମ୍ ଧର୍ମର ସମ୍ମାନ ଓ ଐଶିବାଣୀର ମହିମା ଲୋକମାନଙ୍କ ଉପରେ ପରିପ୍ରକାଶ ହେବ ଏବଂ ସତ୍ୟ ତାହାର ସମସ୍ତ ବରକତ୍ (ବୈଭବ)କୁ ନେଇ ଉପସ୍ଥିତ ହେବ ଓ ମିଥ୍ୟା ନିଜର ସମସ୍ତ ଅଶୁଭତାକୁ ସାଥିରେ ନେଇ ଚାଲିଯିବ ଯଦ୍ୱାରା ଲୋକମାନେ ଏହା ଜାଣି ନେବେ ଯେ ମୁଁ ହେଉଛି ସର୍ବଶକ୍ତିମାନ ଯାହା ଇଚ୍ଛା କରେ ତାହା କରିଥାଏ ଏବଂ ସେମାନେ ବିଶ୍ୱାସ କରିନେବେ ଯେ ମୁଁ ତୁମ ସହିତ ଅଛି । ଯେଉଁମାନେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣୁନାହାନ୍ତି ଏବଂ ଖୁଦା ଓ ଖୁଦାଙ୍କ ଧର୍ମ, ତାହାଙ୍କ ପୁସ୍ତକ ଓ ତାହାଙ୍କ ପବିତ୍ର ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ମାନୁନାହାନ୍ତି ଓ ମିଥ୍ୟାଚାରୀ ରୂପେ ଅଭିହିତ କରୁଛନ୍ତି, ସେମାନଙ୍କୁ ଏକ ସ୍ପଷ୍ଟ ନିଦର୍ଶନ ମିଳୁ ଓ ଅପରାଧିମାନଙ୍କ ମାର୍ଗ ପ୍ରକାଶ ହୋଇଯାଉ ।

ତେଣୁ ତୁମକୁ ସୁସମାଚାର ଦିଆଯାଇଛି ଯେ ଏକ ସୁନ୍ଦର ଓ ପବିତ୍ର ପୁତ୍ର ତୁମକୁ ପ୍ରଦାନ କରାଯିବ । ଏକ ପବିତ୍ର ଦାସ (ପୁତ୍ର) ତୁମକୁ ମିଳିବ । ସେହି ପୁତ୍ର ତୁମ ଔରଷରୁ ତୁମର ହିଁ ସନ୍ତାନ ଓ ବଂଶଜ ହେବ । ସୁନ୍ଦର ପବିତ୍ର ପୁତ୍ର ତୁମର ଅତିଥି ଆସୁଛନ୍ତି, ତାହାଙ୍କ ନାମ ଅନ୍‌ମୁଓ୍ୱାଇଲ୍ ଓ ବଶିର ମଧ୍ୟ ଅଟେ । ତାଙ୍କୁ ପବିତ୍ର ଆତ୍ମା ପ୍ରଦାନ କରାଯାଇଅଛି ଏବଂ ସେ ଘୃଣ୍ୟତାରୁ ପବିତ୍ର ଅଟନ୍ତି ଓ ସେ ଅଲ୍ଲାଃଙ୍କ ଜ୍ୟୋତି ଅଟନ୍ତି । ସେ ହେଉଛନ୍ତି ପବିତ୍ରମୟ ଯିଏ ଆକାଶରୁ ଆସୁଛନ୍ତି । ତାଙ୍କ ସହିତ ଫଜଲ ଅଛି ଯାହା ତାଙ୍କ ଆଗମନ ସହିତ ଆସିବ । ସେ ବୈଭବଶାଳୀ, ମହିମାମଣ୍ଡିତ ଓ ବିତଶାଳୀ ହେବ । ସେ ସଂସାରକୁ ଆସିବ ଓ ନିଜର ମସିହ ନଫସ୍ (ଅର୍ଥାତ ଆରୋଗ୍ୟ ପ୍ରଦାନକାରୀ ଅସ୍ତିତ୍ୱ ଦ୍ୱାରା) ଓ ସତ୍ୟପ୍ରାଣର ଅନୁଗ୍ରହରୁ ବହୁତ ଲୋକଙ୍କୁ ରୋଗମୁକ୍ତ କରାଇବ । ସେ ହେଉଛନ୍ତି ଅଲ୍ଲାଃଙ୍କ ବାଣୀ କାରଣ ଖୁଦାଙ୍କ କରୁଣା ଓ ସ୍ୱାଭିମାନ ତାକୁ ଶ୍ରେଷ୍ଠବାଣୀ ଦେଇ ପଠାଇଛନ୍ତି । ସେ ଅତ୍ୟନ୍ତ ବୁଦ୍ଧିମାନ ଓ ଜ୍ଞାନୀ ହେବ ଏବଂ ଉଦାରଚରିତ୍ର ସମ୍ପନ୍ନ, ଅନ୍ତଃ ଓ ବାହ୍ୟଜ୍ଞାନରେ ପରିପୂର୍ଣ୍ଣ ହେବ ଏବଂ ସେ ତିନିକୁ ଚାରି କରିବ (ଏହାର ଅର୍ଥ ବୁଝିହେଲା ନାହିଁ) । **ଦୋଶମ୍ବା ହୈ ମୁବାରକ୍ ଦୋଶମ୍ବା ଫର୍‌ଜନ୍ଦ୍ ଦିଲ୍‌ବନ୍ଦ ଗିରାମି ଅର୍‌ଯମନ୍ଦ୍ ମଜ୍‌ହରୁଲ୍ ଅଓ୍ୱଲେ ଓ୍ୱଲ୍ ଆଖିରି, ମଜ୍‌ହରୁଲ୍ ହକ୍‌କି ଓ୍ୱଲ୍ ଅଲାଇ, କାନଲ୍ଲାହା ନଜ୍ଜଲା ମିନସ୍ ସମାଇ ।** ତାଙ୍କର ଅବତୀର୍ଣ୍ଣ ହେବା ବହୁତ ବୈଭବପୂର୍ଣ୍ଣ ଓ ଅଲ୍ଲାଃଙ୍କ ପ୍ରତାପ ପରିପ୍ରକାଶର କାରଣ ହେବ । ଜ୍ୟୋତି, ଯାହାକୁ ଈଶ୍ୱର ନିଜ ପ୍ରସନ୍ନଚିତ ଅତର ଦ୍ୱାରା ସୁବାସିତ କରିଛନ୍ତି । ଆମେ ତାହାଙ୍କ ମଧ୍ୟରେ ନିଜର ଆତ୍ମା ରଖିବୁ ଓ ଈଶ୍ୱରଙ୍କ ଛତ୍ରଛାୟା ତାହାଙ୍କ ମୁଣ୍ଡ ଉପରେ ରହିବ । ସେ ଶିଘ୍ରଶିଘ୍ର ବଢ଼ିବ ଓ କଏଦୀମାନଙ୍କ ମୁକ୍ତିର କାରଣ ହେବ । ସେ ପୃଥିବୀର କୋଣ ଓ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଲାଭ କରିବ ଓ କୌମ୍ ତାହାଙ୍କଠାରୁ ବର୍‌କତ୍ ପାଇବେ ତା'ପରେ ଯାଇ ନିଜର ଜୀବନ ବିନ୍ଦୁ ଆକାଶ ଆଡ଼କୁ ଉଡ଼ାଇ ଦିଆଯିବ । ''ଓ୍ୱକାନା ଅମ୍‌ରମ୍ ମକ୍‌ଜିୟା'' ।

***(ମଜ୍‌ମୁଆ ଇସ୍ତେହାରାତ୍ ଖଣ୍ଡ-୧, ପୃ-୧୦୦, ଇସ୍ତେହାର୍ ୨୦ ଫେବୃୟାରୀ ୧୮୮୬)***

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

କର ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଯାଉଅଛି । ଏହା ଦେଖି ତାଙ୍କ ପୁତୁରା ତାଙ୍କୁ କହିଲା ଯେ, କ'ଣ ଆପଣ ଏଥିପାଇଁ ଯାଉଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ କଥାକୁ ପ୍ରତ୍ୟାଖ୍ୟାନ କରିବେ ଅର୍ଥାତ ଆଁ ହଜରତ ସ:ଆ:ସ ଯେଉଁ କ୍ରମକୁ ବର୍ଣ୍ଣନା କରିଛନ୍ତି । ସେ ସମ୍ବନ୍ଧରେ ଯାଇ ଅକାରଣରେ ପଚାରିବେ ଯେବେ କି, ରସୁଲୁଲ୍ଲାଃ ସ:ଆ:ସ ଏ ବାବଦରେ ଅଧିକ ଜାଣିଛନ୍ତି । କ'ଣ ଆପଣଙ୍କ ପାଇଁ ଏହା ଯଥେଷ୍ଟ ନୁହେଁ ଯେ, ଆପଣ ଚାରିଭିତରୁ ଜଣେ ଅଟନ୍ତି । ସୁତରାଂ ଏଥିରେ ମନୋଭାବକୁ ବଦଳାଇଦେଲେ ଓ କହିଲେ ଅଲ୍ଲାଃଙ୍କ ଏବଂ ତାହାଙ୍କ ରସୁଲ ସ:ଆ:ସ ଅଧିକ ଜାଣିଛନ୍ତି । ତା'ପରେ ସେ ନିଜ ଗଧର ଲଗାମ୍‌କୁ ଖୋଲିବାପହଁ ନିର୍ଦ୍ଦେଶ ଦେଲେ । ତେଣୁ ତାକୁ ଖୋଲିଦିଆଗଲା । ଏହା ମଧ ସହି ମୁସ୍‌ଲିମ ରିୱାୟତ ଅଟେ । *(ସହି ମୁସ୍‌ଲିମ୍ କିତାବ୍.... ଫଜାଏଲୁସ୍ ସାହେବା...... ହସୀସ୍ ୨୪୫୬ ।*

ହୁଶାମ୍ ବିନ୍ ଉରୁୱା ନିଜ ବାପାଙ୍କଠାରୁ ରିୱାୟତ କରୁଛନ୍ତି ଯେ, ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଏ ଦୁଆ କରୁଥିଲେ କି, ହେ ଅଲ୍ଲାଃ ! ମତେ ପ୍ରଶଂସା ଯୋଗ୍ୟ ବନାଇଦିଅ ଏବଂ ମତେ ଭଦ୍ର ଓ ପ୍ରତିଷ୍ଠିତ ବ୍ୟକ୍ତି କରିଦିଅ । ହଜୁର ଅନୱର କହୁଛନ୍ତି ଭଦ୍ରାମି ଓ ପ୍ରତିଷ୍ଠ ଭଲ କାମ ବିନା ମିଳିପାରେ ନାହିଁ ଏବଂ ଭଲ କାମ ବିନା ଧନରେ କରାଯାଇପାରେ ନାହିଁ ହେ ଅଲ୍ଲାଃ !ଅଳ୍ପ ମୋ ପାଇଁ ଠିକ୍ ନୁହେଁ ଏବଂ ନା' ତ ମୁଁ ସେଥିରେ ସନ୍ତୁଷ୍ଟ ରହିପାରିବି । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୬୧, ସାଆଦ୍ ବିନ୍ ଉବାଦା.... ବେରୁତ ୧୯୯୦)*

ହଜୁର ଅନୱର କହୁଛନ୍ତି, ସେ ଯାହା ହେଉ ଦୁଆ କରିବାର ତାଙ୍କର ନିଜର ଏପରି ଶୈଳୀ ଥିଲା । ସହି ମୁସ୍‌ଲିମ୍‌ର ଆଉ ଗୋଟିଏ ରିୱାୟତ ଅଛି ହଜରତ ଅବୁ ହୁରୈରା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ କହୁଛନ୍ତି କି, ହଜରତ ସାଆଦ୍ ବିନ୍ ଉବାଦା ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଯଦି ମୁଁ ମୋ ସ୍ତ୍ରୀ ସହିତ କାହାରିକୁ ଖରାପ ଅବସ୍ଥାରେ ଥିବାର ପାଏ ତେବେ କ'ଣ ତାକୁ ହାତ ଲଗାଇବି ନାହିଁ । ଏପରି କି, ମୁଁ ଚାରିଟି ସାକ୍ଷୀ ନେଇ ଆସିବି । ରସୁଲୁଲ୍ଲାଃ ସ:ଆ:ସ କହିଲେ ହଁ । ଏଥିରେ ସେ କହିଲେ କଦାପି ନୁହେଁ । ମତେ ତା'ରାଣ ଯିଏ ଆପଣଙ୍କୁ ସତ୍ୟର ସହିତ ପ୍ରକଟ କରିଛନ୍ତି ଯଦି ମୁଁ ଏହା ଦେଖେ ତେବେ ଯଥା ଶୀଘ୍ର ତରବାରୀ ସାହାଯ୍ୟରେ ତା'ର ନିଷ୍ପତି କରିଦେବି କୌଣସି ପ୍ରକାର ସାକ୍ଷ୍ୟ ଯୋଗାଡ଼ କରିବି ନାହିଁ । ବରଂ ହତ୍ୟା କରିଦେବି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କୁ କହିଲେ ଶୁଣ ! ତୁମ ସର୍ଦ୍ଦାର କ'ଣ କହୁଛନ୍ତି । ସେ ବହୁତ ସ୍ୱାଭିମାନୀ ତା' ପରେ ପୁଣି କହିଲେ ମୁଁ ତାଙ୍କଠାରୁ ଅଧିକ ସ୍ୱାଭିମାନି ଏବଂ ପୁଣି କହିଲେ ଯେ, ଅଲ୍ଲାଃ ତାଲା ମୋ ଠାରୁ ଅଧିକା ସ୍ୱାଭିମାନ । *(ସହି ମୁସ୍‌ଲିମ୍ କିତାବୁଲ୍ ଲାଆନ୍, ହଦିସ୍ ୩୭୬୩ ।*

ପୁଣି ଏ ପ୍ରସଙ୍ଗରେ ମୁସ୍‌ଲିମ୍‌ରେ ଆଉ ଗୋଟିଏ ରିୱାୟତ ମଧ ରହିଛି ତାହା ହଜରତ ମୁଗିରାଃ ବିନ୍ ଶୋଓବା ର:ଅଙ୍କଠାରୁ ବର୍ଣ୍ଣିତ । ସେ କହୁଛନ୍ତି ଯେ, ହଜରତ ସାଆଦ୍ ବିନ୍ ଉବାଦା ର:ଅ କହିଲେ ଯଦି ମୁଁ କୌଣସି ବ୍ୟକ୍ତିକୁ ମୋ ସ୍ତ୍ରୀଙ୍କ ନିକଟରେ ଦେଖେ ତାହା ହେଲେ ତାକୁ ହତ୍ୟା କରିଦେବି ଓ ତରବାରୀକୁ ଚଉଡ଼ା ନୁହେଁ ସରୁ ମୁହଁ ଦ୍ୱାରା । ଯେତେବେଳେ ଏକଥା ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ପହଂଚିଲା ଏଥିରେ ଆପଣ ସ:ଆ:ସ କହିଲେ ଯେ, କ'ଣ ତୁମେମାନେ ସାଆଦ୍‌ଙ୍କ ସ୍ୱାଭିମାନ ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରୁଛ । ଅଲ୍ଲାଃଙ୍କ ରାଣ ! ମୁଁ ତାଙ୍କଠାରୁ ଅଧିକ ସ୍ୱାଭିମାନି ଏବଂ ଅଲ୍ଲାଃ ମୋଠାରୁ ଅଧିକ ସ୍ୱାଭିମାନ୍ । ଅଲ୍ଲାଃ ତାଲା ନିଜ ସ୍ୱାଭିମାନ ଯୋଗୁଁ ନିର୍ଲଜତାକୁ ମନା କରିଛନ୍ତି ଯାହା ଲୁଚି ରହିବା କଥା ତାହା ଯଦି ପ୍ରକାଶ ହେଉଥିବ । କୌଣସି ବ୍ୟକ୍ତି ମଧ୍ୟ ଅଲ୍ଲାଃଙ୍କଠାରୁ ଅଧିକା ସ୍ୱାଭିମାନୀ ନୁହନ୍ତି । ଏବଂ ଅଲ୍ଲାଃଙ୍କଠାରୁ ଅଧିକା କୌଣସି ବ୍ୟକ୍ତି କ୍ଷମାକୁ ପସନ୍ଦ କରେ ନାହିଁ । ଅର୍ଥାତ ଅଲ୍ଲାହା ତୌବା ପସନ୍ଦ କରିଥାନ୍ତି, କ୍ଷମାକୁ ପସନ୍ଦ କରିଥାନ୍ତି । ତେଣୁ ଏ ବାବଦରେ କୌଣସି ବ୍ୟକ୍ତି ଅଲ୍ଲାଃଙ୍କଠାରୁ ଅଧିକା ହୋଇପାରେ ନାହିଁ । ଆପଣ ସ:ଆ:ସ କହିଲେ ଯେ, ସେଥିଯୋଗୁଁ ଅଲ୍ଲାଃ ତାଲା ରସୁଲ୍ ମାନଙ୍କୁ ସୁସମାଚାର ଦେବାବାଲା ଏବଂ ଡ଼ରାଇବା ବାଲା ବନାଇ ପ୍ରେରଣ କରିଛନ୍ତି । ଅର୍ଥାତ ସେମାନେ ସୁସମାଚାର ବି ଦେଇଥାନ୍ତି ଓ ଡ଼ରାଇ ବି ଥାନ୍ତି । ଏବଂ କୌଣସି ବ୍ୟକ୍ତି ଅଲ୍ଲାଃଙ୍କଠାରୁ ଅଧିକା ପ୍ରସଂଶା କରିବାକୁ ପସନ୍ଦ କରେ ନାହିଁ । ସେଥିଯୋଗୁଁ ଅଲ୍ଲାଃ ତାଲା ଯନ୍ନତ ର ପ୍ରାତୃତି ଦେଇଛନ୍ତି । (ସହି ମୁସ୍‌ଲିମ୍ କିତାବୁଲ୍ ଲାଆନ୍ ହଦିସ୍ ୩୭୬୪ ।

ଅଲ୍ଲାଃ ତାଲାଙ୍କ ପ୍ରଶଂସା ଖରାପ କାର୍ଯ୍ୟରୁ ବଂଚିତ କରାଇଥାଏ । ତେଣୁ ଅଲ୍ଲାଃ ତାଲା ପୁଣି ସେଥିଯୋଗୁଁ ବୈକୁଣ୍ଠର ପ୍ରତିଶୃତି ଦେଇଛନ୍ତି । ଅର୍ଥାତ ଅଲ୍ଲାଃ ତାଲା ଦଣ୍ଡ ମଧ ଦେଇଥାଏ । କିନ୍ତୁ ଏଥିରେ ଶିଘ୍ର କରିନଥାଏ । ତୌବା କରୁଥିବା ଲୋକକୁ କ୍ଷମା ମଧ ଦେଇଥାଏ । ଏବଂ କେବଳ କ୍ଷମା ମଧ ଦେଇନଥାଏ ବରଂ ପୁରସ୍କାର ମଧ୍ୟ ଦେଇଥାଏ । ତେଣୁ ଆଁ ହଜରତ ସ:ଆ:ସ କହିଲେ ଅଲ୍ଲାଃଙ୍କ କାନୁନଠାରୁ ଆଗକୁ ବଢ଼େ ନାଇ । ଅଲ୍ଲାଃ ତାଲାଙ୍କର ଯେଉଁ କାନୁନ୍ ଅଛି ତାହା ଭିତରେ ହିଁ ରୁହ ।

ହଦିସ୍‌ର ଗୋଟିଏ ରିୱାୟତ ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ ର:ଅ ଅଛି ଯେ, ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ବର୍ଣ୍ଣନା କରିଛନ୍ତି ଯେ, ନବି କରିମ୍ ସ:ଆସ ତାଙ୍କୁ କହିଲେ ଅମୁକ କବିଲାର ସଦ୍‌କତ୍‌କୁ ନିରୀକ୍ଷଣ କର କିନ୍ତୁ ଜାଗ୍ରତ ରହିବ ଯେ, କୟାମତ ଦିନ ଏପରି ଅବସ୍ଥାରେ ଆସିବ ନାହିଁ କି ତୁମେ ନିଜ କାନ୍ଧ ଉପରେ କେଣସି ଯୁବକ ଅଟୋକୁ ଲଦି ଆଣିଥିବ । ଓ ସେ କୟାମତ ଦିନ ଚିତ୍କାର । ଏଥିରେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ତେବେ ପୁଣ ଏହି ଦାୟିତ୍ୱ ଆଉ କାହା ଉପରେ ନ୍ୟସ୍ତ କରିଦିଅ ଏଥିରେ ଆପଣ ସ:ଆ:ସ ଏ କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ କଲେ ନାହିଁ । *(ମସନଦ୍ ଅହେମଦ୍ ବିନ୍ ହମ୍ବଲ୍ ଖଣ୍ଡ-୭, ପୃ-୪୭୩ ମସ୍‌ନ୍‌ଦ୍ ସାଆଦ୍ ବିନ୍ ଉବାଦା ହଦିସ୍ ୨୨୮୨୮ ମୁଦ୍ରଣ ଆଲେମୁଲ୍ କୁତୁବ୍ ବେରୁତ ୧୯୯୮) ଅର୍ଥାତ ନିରୀକ୍ଷଣର ପୁଣି ହକ୍ ପ୍ରଦାନ କରିବାକୁ ହେବ ନ୍ୟାୟ କରିବାକୁ ହେବ ଓ କୌଣସି ପ୍ରକାରର ମତଭେଦ କରାଯିବ ନାହିଁ । ଯଦି ଅପବ୍ୟବହାର ହେଲା । ନ୍ୟାୟ ନଲୋ ଏବଂ ଏହାର ହକ୍‌ଖ ପ୍ରଦାନ ନ କରାଗଲା ତେବେ ପୁଣି ଏହା ଏକ ପାପ ଅଟେ ଓ କୟାମତ ଦିନ ଏହାର ଉତର ଦେବାକୁ ହେବ ।*

*ଆଁ ହଜରତ ସ:ଆ:ସଙ୍କ ଯୁଗରେ ଛଅ ଜଣ ଅନ୍‌ସାର ପବିତ୍ର କୋରାନ୍‌କୁ ଏକତ୍ରୀତ କରିଥିଲେ । ସେମାନଙ୍କ ମଧ୍ୟରେ ହଜରତ ସାଆଦ୍ ବିନ୍ ଉବାଦା ମଧ ସାମିଲ ଥିଲେ ।* (ଉସୁଦଲ୍ ଗାବା ଖର୍ଡ-୧ , ପୃ-୫୦୩........... ବେରୁତ ୨୦୦୩) ।

ହଜରତ ମୁସ୍‌ଲେହ୍ ମଉଦ ର:ଅ ଏ ବିଷୟରେ କହୁଛନ୍ତି ଯେ,

''ଅନ୍‌ସାରମାନଙ୍କ ମଧରେ ଯେଉଁ ପ୍ରସିଦ୍ଧ ହାଫିଜ (ଅର୍ଥାତ ପବିତ୍ର କୋରାନ୍‌କୁ ମୁଖସ୍ତ କରିଥିଲେ । ଏମାନଙ୍କର ନାମ ହେଉଛି ଏପରି : ଉବାଦା ବିନ୍ ସାମିତ୍ ର:ଅ, ମୁଆଜ୍ ର:ଅ, ମୁଜମ୍ମଅ ବିନ୍ ହାରିସା ର:ଅ, ଫଜାଲା ବିନ୍ ଉବୈଦ୍ ବିନ ର:ଅ, ମସ୍‌ଲମା ବିନ୍ ମୁଖଲ୍ଲଦ୍ ର:ଅ ଅବୁ ଦର୍‌ଦାଆ ର:ଅ, ଅବୁ ଜଏଦ୍ ର:ଅ, ଜଏଦ୍ ବିନ୍ ସାବିତ୍ ର:ଅଙ୍କ ମାଆ, ଉବୈ ବିନ୍ କାଆବ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦାଃ ର:ଅ ।, ଉମ୍ମେ ୱର୍‌କାଆ ର:ଅ'' ସେ ଲେଖୁଛନ୍ତି ଯେ, ''ଇତିହାସରୁ ପ୍ରମାଣ ମିଳୁଛି ଯେ, ସାହାବାମାନଙ୍କ ମଧ୍ୟରୁ ପବିତ୍ର କୋରାନ୍‌କୁ ମୁଖସ୍ତ କରିଥିଲେ ।'' *(ଦିବାଚା ତଫସିରୁଲ୍ କୁର୍‌ଆନ୍, ଅନୁୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୪୩୦) ।*

ହଜୁର ଅନୱର କହୁଛନ୍ତି ଆଉ ଅଳ୍ପ କିଛି ଭାଗ ରହିଯାଇଛି ଇନ୍‌ଶଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା ହେବ ।

⌘⌘⌘⌘⌘⌘⌘⌘⌘⌘


## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)


## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟ୍‌ନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିୱାନ୍ କାଦିଆନ)


ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୭୧୩୮୩୪୭, ୯୬୪୬୩୫୧୨୮୦
ଇମେଲ୍ : diwan@qadian.in


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ହେ ଅନ୍‌ସାରମାନଙ୍କ ଦଳ ! କ'ଣ ତୁମେମାନେ ଏକଥାରେ ଖୁସୀ ନୁହଁ ଯେ, ଲୋକମାନେ ମେଣ୍ଢା, ଛେଳି ଓ ଓଟକୁ ସାଙ୍ଗରେ ନେଇ ଯାଆନ୍ତୁ ଓ ତୁମେମାନେ ରସୁଲୁଲ୍ଲାଃଙ୍କୁ ନେଇ ନିଜ ଘରକୁ ଚାଲିଯାଅ । ମତେ ତା' ରାଣ ଯାହାର ହସ୍ତରେ ମୁହମ୍ମଦ ସ:ଆ:ସଙ୍କ ଜୀବନ ରହିଛି । ଯଦି ହିଜ୍‌ରତ୍ ହୋଇନଥାନ୍ତା ତେବେ ମୁଁ ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହୋଇଥାନ୍ତି । ଯଦି ଲୋକମାନେ ଗୋଟିଏ ଉପତ୍ୟକାରେ ଚାଲୁଥିବେ ଓ ଅନ୍‌ସରାମାନେ ଆଉ ଗୋଟିଏ ଉପତ୍ୟାକାରେ ଚାଲୁଥିବେ ତେବେ ମୁଁ ଏପରି ସ୍ଥଳେ ଅନ୍‌ସାରମାନଙ୍କ ଉପତ୍ୟାକୁ ଗ୍ରହଣ କରିବି, ହେ ଅଲ୍ଲାଃ ! ଅନ୍‌ସାରମାନଙ୍କ ଉପରେ କରୁଣା କର ଏବଂ ଅନ୍‌ସାରମାନଙ୍କ ପୁତ୍ରମାନଙ୍କ ଉପରେ ଦୟା କର ଏବଂ ଅନ୍‌ସାରମାନଙ୍କ ପୁତ୍ରୀମାନଙ୍କ ଉପରେ ଦୟା କର ।**

---

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍ରୀସାହାବି ହଜରତ ସାଆଦ୍ ବିନ୍ ଉବାଦାଃ ରଜିଓଲ୍ଲାହୋ ଅନ୍‌ହୋଙ୍କ ପବିତ୍ର ଜୀବନଚରିତର ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୦ ଜାନୁୟାରୀ ୨୦୨୦ ଅନୁଯାୟୀ ୧୦ ସୁଲାହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطَانِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବା ଜୁମାରେ ୱକ୍‌ଫେ ଯଦିଦ ର ନୁତନ ବର୍ଷ ଘୋଷଣା ସହିତ ଦେଶଗୁଡ଼ିକରେ ଥିବା ଯମାତ୍‌ଗୁଡ଼ିକର ମୁଁ ଯେଉଁ ପୋଜିସନ୍ ବତାଇଥିଲି ସେଥିରେ ଏକଥା ବତାଇଥିଲି ଯେ, ୟୁକେ ରେ ଥିବା ଯମାତଗୁଡ଼ିକ ମଧ୍ୟରେ ୱକ୍‌ଫେ ଯଦିଦର ଚାନ୍ଦା ଅସୁଲି ଦୃଷ୍ଟିକୋଣରୁ ଇସଲାମାବାଦ୍ ଯମାତ୍ ପ୍ରଥମ ନଂରେ ରହିଛି ବୋଲି କିନ୍ତୁ ପରେ ଏକଥା ସାମନାକୁ ଆସିଲା ଯେ, ସେହି ନିଶକର୍ଷ ଭୁଲ ଥିଲା ପ୍ରଥମ ନଂରେ ଆଲଡ଼୍‌ରଶାଟ୍ ଯମାତ ରହିଛି ଓ ଦ୍ୱିତୀୟରେ ଇସାଲାମାବାଦ ଯମାତ୍ । କାହିଁକି ହେଲା ? କିପରି ହେଲା ? ଏହାର ବିବରଣୀ ଭିତରକୁ ଯିବାକୁ ମୁଁ ଚାହୁଁନାହିଁ । ସେ ଯାହା ହେଉ ଏହାକୁ ଠିକ୍ କରିବାର ଆବଶ୍ୟକତା ଥିଲା । ସେଥିଯୋଗୁଁ ମୁଁ ସର୍ବପ୍ରଥମେ ଏହାକୁ ହିଁ ନେଲି ।

ଆଲଡ଼୍‌ରଶାଟ ଯମାତ୍ ମାଶାଅଲ୍ଲାଃ ବହୁତ ବଡ଼ କୁର୍ବାନୀ ଦେଉଅଛି ଓ ବିଶେଷରୂପେ ଆଲଡ଼୍‌ରଶାଟର ସଦର ଲଜ୍‌ନା ମତେ ଲେଖିଥିଲେ ଯେ, କିଭଳି କେତେକ ମହିଳା ଅସାଧାରଣ କୁର୍ବାନୀ ଦେଇଛନ୍ତି । ସେମାନଙ୍କର କୁର୍ବାନୀ କରିବାର ମନୋଭାବ ଉଦାହରଣୀୟ ଅଲ୍ଲାଃ ତାଲା ସେମାନଙ୍କ ଯନ ଓ ଧନରେ ବର୍‌କତ୍ ପ୍ରଦାନ କରନ୍ତୁ । ମୁଁ ଗତ ଖୁତ୍‌ବାରେ ସାଧାରଣତଃ ଗରିବମାନଙ୍କର ଏବଂ ଗରିବଦେଶରେ ବସବାସ କରୁଥିବା ଲୋକମାନଙ୍କ କୁର୍ବାନୀ ସମ୍ବନ୍ଧୀୟ ଘଟଣାବଳିକୁ ଏଥିପାଇଁ ବର୍ଣ୍ଣନା କରିଥିଲି ଯେ, ଧନୀ ମାନଙ୍କ ମଧ୍ୟରେ ଏ ମନୋଭାବ ସୃଷ୍ଟି ହେଉ ଫଳତଃ ସେମାନେ ମଧ୍ୟ କୁର୍ବାନୀ କରିବାର ଆତ୍ମାକୁ ବୁଝନ୍ତୁ । ନଚେତ ଅଲ୍ଲାଃ ତାଲାଙ୍କ କୃପାରୁ ଏହି ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକରେ ଏମିତି ବହୁତ ଲୋକ ଅଛନ୍ତି ଯେଉଁମାନେ ସାଂସାରିକ ଆବଶ୍ୟକତାକୁ ପଛରେ ପକାଇଦେଇ କୁର୍ବାନୀ କରୁଛନ୍ତି । ସେ ଯାହା ହେଉ ଯେମିତି କି ମୁଁ କହିଲି ଯେ, ବ୍ରିଟେନ୍‌ର ଯମାତ୍ ଗୁଡ଼ିକ ମଧ୍ୟରେ ୱକ୍‌ଫେ ଯଦିଦ୍‌ରେ ଆଲ୍‌ଡ଼୍‌ରଶାଟ ଯମାତ୍ ସବୁଠାରୁ ଉପରେ ଅଛି ।

ଏବେ ମୁଁ ଆଜିର ଖୁତ୍‌ବା ଯୁମାର ବିଷୟ ବସ୍ତୁ ଉପରକୁ ଆସୁଛି । ବଦ୍‌ରୀ ସାହାବାମାନଙ୍କର ଯେଉଁ ଜୀବନ ଚରିତ ସମ୍ବନ୍ଧରେ ବର୍ଣ୍ଣନା ଚାଲିଆସୁଅଛି ସେ ସମ୍ବନ୍ଧରେ ଗତ ଖୁତ୍‌ବାର ପୂର୍ବ ଖୁତ୍‌ବାରେ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କର ଚର୍ଚ୍ଚା ଚାଲିଥିଲା । ଆଉ କିଛି ବାକି ରହିଯାଇଥିଲା । ଆଜି ମଧ୍ୟ ତାଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବି । କିନ୍ତୁ ଏଠାରେ ମଧ୍ୟ ଗୋଟିଏ ହୱାଲାକୁ ଠିକ୍ କରିବାର ଆବଶ୍ୟକତା ରହିଛି । ଯାହାକୁ ବିଗତ ଖୁତ୍‌ବାରେ ମୁଁ ବର୍ଣ୍ଣନା କରିଦେଇଥିଲି । ଯଦିଚ ଅନୁଭବ ହେବା ସତ୍ୱେ ମଧ୍ୟ ମୁଁ ହୱାଲା ପଠେଇଥିବା ଲୋକଙ୍କୁ ଏ ବିଷୟରେ କହିନାହିଁ କିନ୍ତୁ ରିସର୍ଚ୍ଚ ସେଲ୍‌ରେ ଆମର କର୍ମୀମାନଙ୍କୁ ଆପେଆପେ ଏକଥା ଅନୁଭବ ହୋଇଗଲା । ଏବଂ ସେମାନେ ଠିକ୍ ହୱାଲା ପଠାଇଦେଲେ ଓ ଏହାଦ୍ୱାରା ମୋର ଯେଉଁ ଭୁଲ୍ ବୁଝାମଣା ଥିଲା ତାହା ମଧ୍ୟ ଦୂର ହୋଇଗଲା । ମାଆଶାଅଲ୍ଲା । ଏମାନେ ବହୁତ ପରିଶ୍ରମ କରି ହୱାଲା ଖୋଜି ବାହାର କରୁଛନ୍ତି । କିନ୍ତୁ ବେଳେବେଳେ ଶୀଘ୍ରଶୀଘ୍ର ଲେଖିବା ଯୋଗୁଁ ଏପରି ଘଟଣା ଘଟିଯାଉଛି ଯେ, ଦୁଇଜଣ ସାହାବାମାନଙ୍କର ଘଟଣା ମିଶୁଥିବା କଥାକୁ ଆପୋଷରେ ମିଶାଇ ଦେଉଛନ୍ତି । ସେହିପରି ବେଳେବେଳେ ଆରବୀ ବାକ୍ୟର ଅନୁବାଦରେ ମଧ୍ୟ ଶବ୍ଦଗୁଡ଼ିକର ସଠିକ୍ ଚୟନ ନହେବା ଯୋଗୁଁ କଥା ସ୍ପଷ୍ଟ ହେଉନାହିଁ । ସେ ଯାହା ହେଉ ଏ ପ୍ରସଙ୍ଗରେ ସେମାନେ ନିଜେ ହିଁ ଠିକ୍ କରି ପଠାଇଛନ୍ତି ଯାହାକୁ ମୁଁ ପ୍ରଥମେ ବର୍ଣ୍ଣନା କରିବି ତା'ପରେ ପୁଣି ବାକି କଥା ଚର୍ଚ୍ଚା ହେବ ।

୨୭ ଡ଼ିସେମ୍ବରର ଖୁତ୍‌ବାରେ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଙ୍କ ପରିଚୟ ପ୍ରଦାନ ସମୟରେ ଏ ବର୍ଣ୍ଣନା ହୋଇଥିଲା କି, ଆଁ ହଜରତ ସ:ଆ:ସ ହଜରତ ସାଆଦ୍ ର:ଅ ଏବଂ ତୁଲୈବ୍ ବିନ୍ ଉମୈର୍‌ଙ୍କ ମଧ୍ୟରେ ଭାତୃଭାବ ପ୍ରତିଷ୍ଠା କରିଥିଲେ । ଯିଏ ମକ୍କାରୁ ହିଜ୍‌ରତ୍ କରି ମଦିନା ଆସିଥିଲେ ଏବଂ ଇବ୍‌ନେ ହିସ୍‌ହାକ୍‌ଙ୍କ ମୁତାବକ ରସୁଲୁଲ୍ଲାଃ ସ:ଆ:ସ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଏବଂ ହଜରତ ଅବୁ ଜର୍ ଗଫାରି ର:ଅଙ୍କ ମଧ୍ୟରେ ମୁଆଖାତ୍ ଅର୍ଥାତ ଭାତୃଭାବ ପ୍ରତିଷ୍ଠା କରିଥିଲେ କିନ୍ତୁ କେତେକଙ୍କୁ ଏକଥାରେ ମତଭେଦ ଅଛି ଏବଂ ୱାକ୍‌ଦି ଏହା ଅସ୍ୱୀକାର କରିଛନ୍ତି କାରଣ ତାଙ୍କ ମୁତାବକ ଆଁ ହଜରତ ସ:ଆ:ସ ଏହି ମୁଆଖାତ୍ ବଦର ଯୁଦ୍ଧ ପୂର୍ବରୁ ସାହାବାମାନଙ୍କ ମଧ୍ୟରେ ପ୍ରତିଷ୍ଠା କରିଥିଲେ । ହଜରତ ଅବୁ ଜର୍ ଗଫାରି ଯିଏ ସେତେବେଳେ ମଦିନାରେ ଉପସ୍ଥିତ ନଥିଲେ । ଏବଂ ସେ ଆସିନଥିଲେ । ତେଣୁ ବଦର୍, ୱହଦ୍ ଏବଂ ଖନ୍ଦକ ଯୁଦ୍ଧରେ ମଧ୍ୟ ସାମିଲ ହୋଇନଥିଲେ । ବରଂ ସେ ଉକ୍ତ ଯୁଦ୍ଧଗୁଡ଼ିକ ପରେ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇଥିଲେ ସେତେବେଳେ ମୁଁ ଏକଥା ବତାଇଥିଲି ଯେ, ଏହା ତାଙ୍କର ଦଲିଲ ଅଟେ । ଯାହା ହେଉ ଏହା ଏପରି ହୋଇନାହିଁ ମୁଆଖାତ୍‌ର ଏକଥା ବାସ୍ତବରେ ହଜରତ ମୁନ୍‌ଜିର୍ ବିନ୍ ଅମ୍‌ରୋ ବିନ୍ ଖୁନୈସ୍ ର:ଅଙ୍କ ସମ୍ବନ୍ଧରେ ଥିଲା *(ଉସଦୁଲ୍ ଗାବାଃ ଖଣ୍ଡ-୫, ପୃ-୨୫୮....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) ।*

ରିସର୍ଚ୍ଚସେଲ୍‌ର ସଦସ୍ୟମାନେ ନିଜେ ହିଁ ଲେଖିଛନ୍ତି ଯେ, ଯେଉଁ ପୁସ୍ତକରୁ ଏହା ନିଆ ଯାଇଛି ସେଠାରେ ତା ସହିତ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କର ମଧ୍ୟ କଥା ଲେଖାଇଥିଲା । ତେଣୁ ରିସର୍ଚ୍ଚ ସେଲ୍ ତରଫରୁ ଭୁଲ୍‌ରେ ଏହି ବାକ୍ୟଟି ହଜରତ ସାଆଦ୍ ର:ଅଙ୍କ ସହିତ ମଧ୍ୟ ବର୍ଣ୍ଣନା କରିଦିଆଯାଇଛି । ଯେବେ କି, ହଜରତ ମୁନ୍‌ଜିର ବିନ୍ ଅମ୍‌ରୋଙ୍କ ସମ୍ବନ୍ଧରେ ମୁଆଖାତ୍ ର ଏ ଚର୍ଚ୍ଚା ରହିଛି ଏବଂ ଏହାର ବିବରଣୀ ମୁଁ ଗତବର୍ଷର ଆରମ୍ଭରେ ୨୫ ଜାନୁୟାରୀର ଖୁତ୍‌ବାରେ ବର୍ଣ୍ଣନା କରିସାରିଛି । ସେ ଯାହା ହେଉ ଏହା ମଧ୍ୟ ଗୋଟିଏ ସଂଶୋଧନ । ଏବେ ଆଗକୁ ଯେଉଁ କଥା ଚାଲିଛି ତାହା ହେଉଛି ଏପରି କି, ଯେତେବେଳେ ଖନ୍ଦକ ଯୁଦ୍ଧର ଘଟଣା ଅନୁଷ୍ଠିତ ହେଲା ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ୟଇଇନା ବିନ୍ ହସ୍‌ନଙ୍କୁ ମଦିନାରେ ଏକତୃତୀୟାଂଶ ଖଜୁରୀ ଏ ସର୍ତ୍ତରେ ଦେବାପାଇଁ ଚିନ୍ତା କରିଥିଲେ ଯେ, କବିଲା ଗତ୍‌ଫାନ୍‌ର ଯେଉଁ ଲୋକମାନେ ତାଙ୍କ ସହିତ ଅଛନ୍ତି ସେମାନେ ତାହା ସବୁ ନେଇଯାଆନ୍ତୁ । ବାକି ଲୋକମାନଙ୍କୁ ଛାଡ଼ି ଆଁ ହଜରତ ସ:ଆ:ସ କେବଳ ହଜରତ ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କଠାରୁ ପରାମର୍ଶ ମାଗିଥିଲେ । ଏଥିରେ ସେ ଦୁଇଜଣ କହିଥିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଯଦି ଆପଣଙ୍କୁ ଅଲ୍ଲାଃ ତାଲାଙ୍କ ତରଫରୁ ଏପରି କରିବାପାଇଁ ନିର୍ଦ୍ଦେଶ ମିଳିଛି ତେବେ ଆପଣ ଏପରି ହିଁ କରନ୍ତୁ ଯଦି ଏପରି ନୁହେଁ

ତେବେ ଅଲ୍ଲାଃଙ୍କ ରାଣ ଆମେ ତରବାରୀ ବ୍ୟତିତ କିଛି ଦେବୁନାହିଁ । ଅର୍ଥାତ ଆମେ ଆମର ହକ୍ ନେବୁ ଏବଂ ସେମାନଙ୍କୁ ସେମାନଙ୍କର ଦଣ୍ଡ ଦେବୁ କାରଣ ସେମାନେ ମୁନାଫିକତ୍ କରିଥିଲେ ଓ ପ୍ରତିଶୃତି ପାଳନ କରିନାହାନ୍ତି । ରସୁଲୁଲ୍ଲାଃ ସ:ଆ:ସ କହିଲେ ମତେ କୌଣସି କଥାର ନିର୍ଦ୍ଦେଶ ଦିଆଯାଇନାହିଁ । ଏହା ମୋର ନିଜସ୍ୱ ରାୟ ଯାହାକୁ ମୁଁ ତୁମ ଦୁଇଜଣଙ୍କ ସମ୍ମୁଖରେ ରଖିଅଛି । ଏଥିରେ ସେ ଦୁଇଜଣଯାକ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏ ଲୋକମାନେ ଜାହିଲିୟତ୍ ଯୁଗରେ ଆମଠାରୁ ଏପରି ଆଶା କରିନାହାନ୍ତି ତେଣୁ ଆଜି କାହିଁକି ? ଯେବେ କି ଅଲ୍ଲାଃ ତାଲା ଆମକୁ ଆପଣଙ୍କ ଜରିଆରେ ହିଦାୟତ ଦେଇସାରିଛନ୍ତି । ଅର୍ଥାତ ଯେଉଁ ପ୍ରଥମ ଉସୁଲ୍ ସେମାନଙ୍କ ସହିତ ଚାଲିଥିଲା ତାହା ଆଜିମଧ୍ୟ ଚାଲିବ । ରସୁଲୁଲ୍ଲାଃ ସ:ଆ:ସ ଏହି ଦୁଇଜଣଙ୍କର ଏପରି ଉତର ପାଇଁ ଖୁସୀ ହେଲେ । *(ଉସଦୁଲ୍ ଗାବାଃ ଖଣ୍ଡ-୨, ପୃ-୪୪୨ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ଲେବ୍‌ନାନ୍ ୨୦୦୩)*

ଏହାର ବିବରଣୀ ଖନ୍ଦକ ଯୁଦ୍ଧ ର ପରିସ୍ଥିତି ସମ୍ବନ୍ଧରେ ଚର୍ଚ୍ଚା କରି ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏପରି ବର୍ଣ୍ଣନା କରିଛନ୍ତି ଯେ, ଏହି ଦିନଟି ମୁସଲମାନମାନଙ୍କପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ, ଅସୁବିଧା ଏବଂ ବିପଦପୂର୍ଣ୍ଣ ଦିନ ଥିଲା । ଏବଂ ଯେତେମାତ୍ରାରେ ଏ ଘେରାଉ ହୋଇଚାଲିଥିଲା ସେତେମାତ୍ରାରେ ମୁସଲମାନମାନଙ୍କର ମୁକାବିଲା କରିବାର ଶକ୍ତି ନିଶ୍ଚିତରୂପେ ଦୁର୍ବଳ ହୋଇଯାଉଥିଲା । ଏବଂ ଯଦିଚ ସେମାନଙ୍କର ହୃଦୟ ଇମାନ୍ ଓ ନିଷ୍ଠାଭାବରେ ପରିପୂର୍ଣ୍ଣ ଥିଲା କିନ୍ତୁ ଶରୀର ଭୌତିକ ସାଧନର କାନୁନ୍ ଅନ୍ତର୍ଗତ ଚାଲିଥାଏ, ତାହା ଦୁର୍ବଳ ହୋଇଚାଲିଥିଲା । ଅର୍ଥାତ ଶରୀରର ଆବଶ୍ୟକତା ରହିଛି, ଆରାମ, ଖାଦ୍ୟ ଇତ୍ୟାଦି । ଯେତେବେଳେ ଘେରାଉ ଲମ୍ବା ହୋଇଗଲା ସେତେବେଳେ ସେଥିଯୋଗୁଁ ଅବିଶ୍ରାମ ମଧ୍ୟ ଥିଲା ସଠିକ୍ ରୂପେ ଖାଦ୍ୟ ମଧ୍ୟ ପୂରଣ ହେଉନଥିଲା । ସେଥିପାଇଁ ଥକାପଣ ସୃଷ୍ଟି ହେଉଥିଲା, ଦୁର୍ବଳତା ମଧ୍ୟ ସୃଷ୍ଟି ହେଉଥିଲା ଏହାସବୁ ଶରୀରର ପ୍ରାକୃତିକ ଅବସ୍ଥା ତେଣୁ ଯେତେବେଳେ ଆଁ ହଜରତ ସ:ଆ:ସ ଏହିଭଳି ଅବସ୍ଥାକୁ ଦେଖିଲେ ସେତେବେଳେ ଆପଣ ସ:ଆ:ସ ଅନ୍‌ସାରଙ୍କ ସର୍ଦ୍ଦାର ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦାଃ ର:ଅଙ୍କୁ ଡ଼ାକି ସେମାନଙ୍କୁ ପରିସ୍ଥିତି ବିଷୟରେ ଅବଗତ କରିଲେ । ଏବଂ ପରାମର୍ଶ ମାଗିଲେ ଯେ ଏହିଭଳି ପରିସ୍ଥିତିରେ ଆମକୁ କ'ଣ କରିବା ଉଚିତ ହେବ । ମୁସଲମାନମାନଙ୍କର, ଗରିବଲୋକମାନଙ୍କର ତ ଏପରି ଅବସ୍ଥା ଏବଂ ତତ୍‌ସହିତ ନିଜ ଆଡୁ ଏକଥା କହିଲେ ଯେ, ଯଦି ତୁମେମାନେ ଚାହୁଁଛ ତେବେ ଏହା ମଧ୍ୟ ହୋଇପାରିବ ଯେ, କବିଲା ଗତ୍‌ଫାନକୁ ମଦିନାରୁ ଅମଳ କରାଯାଇଥିବା କିଛି ଭାଗ ଦେଇ ଏହି ଯୁଦ୍ଧକୁ ଟାଳି ଦିଆଯାଉ । ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦାଃ ର:ଅ ଏକସ୍ୱର ହୋଇ ଏକଥା କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଯଦି ଆପଣଙ୍କୁ ଏ ସମ୍ବନ୍ଧରେ କୌଣସ ଐଶିବାଣୀ ପ୍ରକାଶ ହୋଇଛି ତେବେ ଆପଣଙ୍କ ବାକ୍ୟ ଶିରଧାର୍ଯ୍ୟ । ଏହିପରି ଅବସ୍ଥାରେ ଆପଣ ସ:ଆ:ସ ନିଶ୍ଚିତରୂପେ ଖୁସୀର ସହିତ ଏହି ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ ଏଥିରେ ଆପଣ ସ:ଆ:ସ କହିଲେ ନୁହେଁ ଏ ସମ୍ବନ୍ଧରେ ମତେ କୌଣସି ଐଶୀବାଣୀ ହୋଇନାହିଁ । ମୁଁ ତ କେବଳ ଆପଣମାନଙ୍କ ଦୁଃଖ କଷ୍ଟ ଯୋଗୁଁ ପରାମର୍ଶ ଆକାରରେ ପଚାରୁଛି । ସେହି ଦୁଇଜଣ ଯାକ ସାଆଦ୍ ଉତର ଦେଲେ ଯେ, ତେବେ ଆମର ଏ ପରାମର୍ଶ କି, ଯେତେବେଳେ ଆମେ ଶିର୍କ କରିବା ଅବସ୍ଥାରେ କେବେ ମଧ୍ୟ କୌଣସି ଶତୃଙ୍କୁ କିଛି ଦେଇନାହୁଁ । ତେବେ ମୁସଲମାନ ହୋଇଯିବାପରେ କାହିଁକି ଦେବୁ । ଅର୍ଥାତ୍ ତାଙ୍କର ସେଠାରେ ଯେଉଁ କାନୁନ୍ ରହିଛି ତା' ମୁତାବକ ଏବେ ମଧ୍ୟ କାର୍ଯ୍ୟ କରାଯିବ । ପୁଣି ଆଗକୁ ସେ କହିଲେ ଯେ, ଈଶ୍ୱରଙ୍କ ରାଣ ଆମେ ତାଙ୍କୁ ତରବାରୀର ଧାର ବ୍ୟତିତ କିଛି ଦେବୁ ନାହିଁ ଯେହେତୁ ଆଁ ହଜରତ ସ:ଆ:ସଙ୍କୁ ଅନ୍‌ସାରମାନଙ୍କ ଯୋଗୁଁ ଚିନ୍ତା ଥିଲା । ଅନ୍ୟ ଲୋକମାନେ ମଧ୍ୟ ସେଠିକାର ନିବାସୀ ଥିଲେ । କିନ୍ତୁ ମଦିନାର ଅନ୍‌ସାରମାନଙ୍କୁ କୌଣସି ପ୍ରକାର ଅଭିଯୋଗ ବା ଲମ୍ବା ଘେରାଉ ଯୋଗୁଁ କୌଣସି ପ୍ରକାର ବିବଶତା ସୃଷ୍ଟି ନ ହେବ । ତେଣୁ ଅନ୍‌ସାରମାନଙ୍କ ପାଇଁ ଏ ଚିନ୍ତା ଥିଲା ଯେଉଁମାନେ ମଦିନାର ଅସଲ ବାସିନ୍ଦା ଥିଲେ । ଏବଂ ବୋଧ ହୁଏ ଏହି ପରାମର୍ଶ ଦ୍ୱାରା ଆପଣ ସ:ଆ:ସଙ୍କ ଉଦ୍ଦେଶ୍ୟ ମଧ୍ୟ କେବଳ ଏତିକି ଥିଲା ଯେ, ଅନ୍‌ସାରମାନଙ୍କର ମନୋଭାବ ବିଷୟରେ ଜାଣିପାରିବେ ଯେ, କ'ଣ ସେମାନେ ଏହିଭଳି ଦୁଃଖ କଷ୍ଟ ଯୋଗୁଁ ଅସୁବିଧାରେ ତ ନାହାନ୍ତି । ଯଦି ବାସ୍ତବରେ ସେମାନେ ଅସୁବିଧାରେ ଥିବେ ତେବେ ସେମାନଙ୍କର ମନକୁ ବହଲେଇ ଦିଆଯିବ ସେଥିଯୋଗୁଁ ଆପଣ ସ:ଆ:ସ ସମ୍ପୂର୍ଣ୍ଣ ଆନନ୍ଦର ସହିତ ସେମାନଙ୍କର ଉକ୍ତ ପରାମର୍ଶକୁ ଗ୍ରହଣ କଲେ ଓ ତତ୍‌ସହିତ ଯୁଦ୍ଧ ମଧ୍ୟ ଜାରି ରହିଲା । *(ସିରତ୍ ଖାତ୍‌ମୁନ୍ ନବିଇନ ହଜରତ ସାଆଦ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ ପୃ-୫୮୯-୫୯୦)*

ଖନ୍ଦକ ଯୁଦ୍ଧର ଅବସ୍ଥା ବିଷୟରେ ବର୍ଣ୍ଣନା କରି ସିରତ୍ ଖାତ୍‌ମୁନ୍ ନବିଇନ୍ ପୁସ୍ତକରେ ବନୁ କୁରୈଜାଃ ବିଶ୍ୱାସଘାତକତା ସମ୍ବନ୍ଧରେ ଚର୍ଚ୍ଚା କରି ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖୁଛନ୍ତି ଯେ,

"ଅବୁ ସୁଫିୟାନ୍ ଏ ଚାଲ୍ ଚାଲିଲା ଯେ, କବିଲା ବନୁ ନଜିର୍‌ର ଇହୁଦୀ ମାନଙ୍କର ସର୍ଦ୍ଦାର ହୁୟଇ ବିନ୍ ଅଖ୍‌ତବକୁ ଏ ନିର୍ଦ୍ଦେଶ ଦେଲେ ଯେ, ସେ ରାତିର ଅନ୍ଧକାରରେ ବନୁ କୁରୈଜାର କିଲ୍ଲାଆଡ଼କୁ ଯାଆନ୍ତି ଏବଂ ତାଙ୍କ ସର୍ଦ୍ଦାର କାଆବ୍ ବିନ୍ ଅସଦ୍‌ଙ୍କ ସହିତ ମିଶି ବନୁ କୁରୈଜାକୁ ନିଜ ସହିତ ମିଶାଇବାକୁ ଚେଷ୍ଟା କରୁ । ସୁତରାଂ ହୁୟଇ ବିନ୍ ଅଖ୍‌ତବ୍ ମୌକା ପାଇ କାଆବ୍‌ଙ୍କ ଘରେ ଯାଇ ପହଂଚିଲା ପ୍ରାରମ୍ଭରେ ତ' କାଆବ୍ ତା କଥାକୁ ଶୁଣିବାପାଇଁ ଅସ୍ୱୀକାର କଲା ଏବଂ କହିଲା ଯେ, ମୁହମ୍ମଦ (ସ:ଆ:ସ)ଙ୍କ ସହିତ ଆମର ସନ୍ଧି ଓ ଚୁକ୍ତି ହୋଇଛି । ଏବଂ ମୁହମ୍ମଦ୍ (ସ:ଆ:ସ) ସର୍ବଦା ନିଜର ଚୁକ୍ତି ଓ ପ୍ରତିଶୃତିକୁ ନିଷ୍ଠାର ସହିତ ପାଳନ କରିଛନ୍ତି । ସେଥିଯୋଗୁଁ ମୁଁ ତାଙ୍କ ସହିତ ବିଶ୍ୱାସଘାତକତା କରିପାରିବି ନାହିଁ । କିନ୍ତୁ ହୁୟଇ ତାକୁ ଏପରି ସବୁଜ ବଗିଚା ଦେଖାଇଲେ ଓ ଇସ୍‌ଲାମ୍‌ର ନିକଟ ଭବିଷ୍ୟରେ ଧ୍ୱଂସ ହୋଇଯିବାର ଏପରି ବିଶ୍ୱାସ ଜନ୍ମାଇଲେ । ଏବଂ ନିଜର ସେହି ପ୍ରତିଶୃତିକୁ ଯେ ପର୍ଯ୍ୟନ୍ତ ଆମେ ଇସ୍‌ଲାମ୍‌କୁ ନିଶେଷଃ ନ କରିଦେଇଛୁ ସେ ପର୍ଯ୍ୟନ୍ତ ମଦିନାରୁ ଲେଉଟି ଯିବୁ ନାହିଁ, ଏହି ସବୁ କଥା ଏପରି ଜୋର୍ ଦେଇ ବର୍ଣ୍ଣନା କଲେ ଯେ, ପରିଶେଷରେ ସେ ରାଜି ହୋଇଗଲା ଓ ଏହିଭଳି ବନୁ କୁରୈଜାର ଶକ୍ତିର ଓଜନ ମଧ୍ୟ ତା' ପଲାର ଓଜନରେ ଆସି ସାମିଲ ହୋଇଗଲା ।" ସେ ପ୍ରଥମରୁ ହିଁ ବହୁତ ଢ଼ଳି ଯାଇଥିଲା ଅର୍ଥାତ ପୂର୍ବରୁ ହିଁ ତା ନିକଟରେ ଶକ୍ତି ଥିଲା, ସାଂସାରିକ ଶକ୍ତି ତାଙ୍କ ପାଖରେ ପୂର୍ବରୁ ହିଁ ବହୁତ ଥିଲା । "ଆଁ ହଜରତ ସ:ଆ:ସଙ୍କୁ ଯେତେବେଳେ ବନୁ କୁରୈଜାର ଏହି ଭୟଙ୍କର ବିଶ୍ୱାସଘାତକତା ବିଷୟରେ ଜଣାଗଲା ସେତେବେଳେ ଆପଣ ସ:ଆ:ସ ପ୍ରଥମେ ତ ଦୁଇ ତିନିଥର ଉକ୍ତ ଆକାରରେ ଜୁବୈର୍ ବିନ୍ ଅଲ୍‌ଅୱାମ୍ ର:ଅଙ୍କୁ ପରିସ୍ଥିତି ସମ୍ବନ୍ଧରେ ଜାଣିବାପାଇଁ ପଠାଇଲେ ପୁଣି ତା'ପରେ ଯୋଜନାବଦ୍ଧ ରୂପେ ଅଓସ୍ ଏବଂ ଖଜ୍‌ରଜ୍‌ର ସର୍ଦ୍ଦାର ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦା ର:ଅ ଏବଂ କିଛି ପ୍ରଭାବଶାଳୀ ସାହାବାମାନଙ୍କୁ ଗୋଟିଏ ଦଳ ଆକାରରେ ବନୁ କୁରୈଜାଙ୍କ ଆଡ଼କୁ ପ୍ରେରଣ କଲେ । ଓ ତାଙ୍କୁ ଏ ତାଗିଦ୍ କଲେ ଯେ, ଯଦି କୌଣସି ପ୍ରକାର ବିପଦପୂର୍ଣ୍ଣ ଖବର ମିଳିବ ତେବେ ଫେରିଯାଇ ଏହାକୁ ଖୋଲାଖୋଲି ଭାବେ ପ୍ରକାଶ କରିବ ନାହିଁ ବରଂ ଇସାରା କରି ସୁଚାଇ ଦେବ । ଯଦ୍ୱାରା ଲୋକମାନଙ୍କ ମଧ୍ୟରେ କୌଣସି ପ୍ରକାରର ଭୟ ସୃଷ୍ଟି ନ ହେଉ । ଯେତେବେଳେ ଏହି ଲୋକମାନେ ବନୁ କୁରୈଜା ବସବାସ କରୁଥିବା ସ୍ଥାନରେ ପହଂଚିଲେ । ଏବଂ ସେମାନଙ୍କର ସର୍ଦ୍ଦାର କାଆବ୍ ବିନ୍ ଅସଦ୍‌ଙ୍କ ନିକଟକୁ ଗଲେ । ସେତେବେଳେ ସେହି ଦୁର୍ଭାଗା ଏମାନଙ୍କୁ ଅତ୍ୟନ୍ତ ଗର୍ବ ଓ ଅହଂଙ୍କାର ପୁର୍ଣ୍ଣ ଶୈଳୀରେ ସାକ୍ଷାତ କଲା । ଏବଂ ସାଆଦେନ୍ (ଅର୍ଥାତ ଦୁଇଜଣଯାକ ସାଆଦ୍)ଙ୍କ ତରଫରୁ ଚୁକ୍ତି ସମ୍ବନ୍ଧରେ କଥା ଆରମ୍ଭ ହେବା ଦ୍ୱାରା ସେ ଓ ତା'ର କବିଲାର ଲୋକମାନେ ବିଗିଡ଼ିଯାଇ କହିଲେ ଯେ, 'ଯାଅ ମୁହମ୍ମଦ (ସ:ଆ:ସ) ଏବଂ ଆମ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ ।' ଏ ବାକ୍ୟକୁ ଶୁଣି ସାହାବାମାନଙ୍କର ଏହି ପ୍ରତିନିଧିମଣ୍ଡଳ ସେଠାରୁ ଉଠି ଚାଲିଆସିଲା । ଏବଂ ସାଆଦ୍ ବିନ୍ ମୁଆଜ୍ ର:ଅ ଏବଂ ସାଆଦ୍ ବିନ୍ ଉବାଦା ର:ଅ ଆଁ ହଜରତ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ ଆଁ ହଜରତ ସ:ଆ:ସଙ୍କୁ ଉକ୍ତ ଅବସ୍ଥା ସମ୍ବନ୍ଧରେ ସୁଚନା ଦେଲେ ।" *(ସିରତ୍ ଖାତ୍‌ମୁନ୍ ନବିଇନ୍ ସ:ଆ:ସ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ.ଏ ପୃ-୫୮୪-୫୮୫)*

ସେ ଯାହା ହେଉ ସେମାନଙ୍କ ସହିତ ଯେଉଁ ଯୁଦ୍ଧ ହୋଇଥିଲା ବା ସେମାନଙ୍କୁ ଯେଉଁ ଦଣ୍ଡ ମିଳିବାର ଥିଲା ତାହା ଜାରି ରହିଲା । ବନୁ କୁରୈଜା ଯୁଦ୍ଧ ସମୟରେ ହଜରତ ସାଆଦ୍ ବିନ୍ ଉବାଦା ର:ଅ କେତେଗୁଡ଼ିଏ ଓଟ ଉପରେ ଖଜୁରୀ ଲଦି ରସୁଲୁଲ୍ଲାଃ ସ:ଆ:ସ ଓ ଅନ୍ୟ ମୁସଲମାନମାନଙ୍କ ପାଇଁ ପଠାଇଲେ । ଯାହା ସମସ୍ତଙ୍କ ଖାଦ୍ୟ ଥିଲା । ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଏକଥା କହିଥିଲେ ଯେ, ଖଜୁରୀ କେତେଭଲ ଖାଦ୍ୟ ଅଟେ । *(ସୁବୁଲୁଲ୍ ହୁଦା ଖଣ୍ଡ-୫, ପୃ-୬ ଫି ଗଜୱା ବନି କୁରୈଜା ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୩)*

ମୌତା ଯୁଦ୍ଧ ଯମାଦିଲ୍ ଉଲା ୮ ହିଜ୍‌ରୀ ରେ ଅନୁଷ୍ଠିତ ହୋଇଥିଲା । ସେଥିରେ ହଜରତ ଜୈଦ୍ ର:ଅ ଶହୀଦ ହୋଇଥିଲେ ତେଣୁ ଯେତେବେଳେ ନବି କରିମ୍ ସ:ଆ:ସ ସଙ୍କୁଳେଇବା ପାଇଁ ତାଙ୍କ ଘରଲୋକଙ୍କ ନିକଟକୁ ଗଲେ ସେତେବେଳେ ହଜରତ ଜୈଦ୍‌ଙ୍କ ଝିଅ ବହୁତ ଦୁଃଖ ଓ କଷ୍ଟ ଅନୁଭବ କରି କାନ୍ଦି କାନ୍ଦି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲେ । ଏହାକୁ ଦେଖି ଆପଣ ସ:ଆ:ସ ମଧ୍ୟ ବହୁତ କାନ୍ଦିବାକୁ ଲାଗିଲେ ଏଥିରେ ହଜରତ ସାଆଦ୍ ବିନ୍ ଉବାଦା ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଏହା କ'ଣ ! ଆଁ ହଜରତ ସ:ଆ:ସ କହିଲେ ***(ହାଜା ଶଉକୁଲ୍ ହବିବି ଇଲା ହବିବିହି)*** ଅର୍ଥାତ ଏହା ହେଉଛି ଜଣେ ପ୍ରୀୟଙ୍କର ନିଜ ପ୍ରୀୟତମଙ୍କ ସହିତ ପ୍ରେମ *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୪....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରତୁ ୧୯୯୦)*

ସହି ବୁଖାରୀର ଆଉ ଏକ ରିୱାୟତ ମଧ୍ୟ ଅଛି । ପ୍ରଥମଟି ସହି ବୁଖାରୀର ନଥିଲା । ସହି ବୁଖାରୀରେ ରିୱାୟତ ମିଳୁଛି ଯେ, ହୁଶାମ୍ ବିନ୍ ଅରୱା ନିଜ ବାପାଙ୍କଠାରୁ ରିୱାୟତ କରୁଛନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମକ୍କା ବିଜୟ ବର୍ଷ ବାହାରିଲେ ସେତେବେଳେ କୁରୈଶଙ୍କୁ ଏ ଖବର ପହଂଚିଗଲା । ସେତେବେଳେ ଅବୁ ସୁଫିୟାନ୍ ବିନ୍ ହରବ୍, ହକିମ୍ ବିନ୍ ହିଜାମ୍ ଏବଂ ବୁଦେଲ୍ ବିନ୍ ୱର୍‌କାଆ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଖୋଜିବାରେ ବାହାରିପଡ଼ିଲେ । ଏପରି କି, ମର୍‌ରୁଲ୍ ଜହ୍‌ରାନ୍ ସ୍ଥାନରେ ପହଂଚିଲେ । ମର୍‌ରୁଲ୍ ଜହ୍‌ରାନ୍ ମକ୍କା ଆଡ଼କୁ ଯାଉଥିବା ରାସ୍ତାର ଗୋଟିଏ ସ୍ଥାନ ଯେଉଁଠି ବହୁତଗୁଡ଼ିଏ ଝରଣା ଓ ଖଜୁରୀ ବଗିଚାମାନ ରହିଅଛି । ଏହା ମକ୍କାଠାରୁ ୫ମାଇଲ ଦୁରତାରେ ଅବସ୍ଥିତ । ସେ ଯାହା ହେଉ ଯେତେବେଳେ ସେଠାରେ ପହଂଚିଲେ ସେତେବେଳେ ସେମାନେ ଏକଥା ଦେଖୁଛନ୍ତି ଯେ, ଅଗଣତି ନିଆଁ ପ୍ରଜ୍ୱଳିତ ହୋଇଛି । ଯେମିତି ହଜ୍ ଅବସରରେ ଆରଫତ୍ ସମ୍ମୁଖରେ ହୋଇଥାଏ । ଅବୁ ସୁଫିୟାନ୍ କହିଲା ଇଏ କିପରି

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ହୋଇଛି ? ଏମିତି ଲାଗୁଛି ଯେମିତି ଆରଫତ୍‌ର ନିଆଁ । ବୁଦଲେ୍ ବିନ୍ ଓ୍ୱର୍କାଆ କହିଲେ ଏହା ବନୁ ଅମ୍‌ରୋର ନିଆଁ ଭଳି ଜଣାପଡୁଛି । ଅର୍ଥାତ ଖଜା କବିଲାର ନିଆଁ । ଅବୁ ସୁଫିୟାନ୍ କହିଲା ଅମ୍‌ରୋଙ୍କ କବିଲା ଏହି ସଂଖ୍ୟାଠାରୁ ବହୁତ କମ୍ । ଏତିକି ବେଳେ ସେମାନଙ୍କ ନିକଟକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଦୁଆରପାଳ ମାନଙ୍କ ମଧ୍ୟରୁ କିଛି ଲୋକ ଦେଖିନେଲେ ଏବଂ ସେହି ତିନିଜଣଯାକଙ୍କୁ ଧରି ବନ୍ଦି କରିନେଲେ । ଏବଂ ପୁଣି ସେମାନଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ନେଇ ଆସିଲେ । ଅବୁ ସୁଫିୟାନ୍ ଇସ୍‌ଲାମ୍ ଗ୍ରହଣ କରିନେଲା । । ଯେତେବେଳେ ଆଁ ହଜରତ ସ:ଆ:ସ ମକ୍କା ଆଡ଼କୁ ବାହାରିଲେ ସେତେବେଳେ ଆପଣ ସ:ଆ:ସ ହଜରତ ଅବାସ୍ ର:ଅଙ୍କୁ ପଚାରିଲେ । ଅବୁ ସୁଫିୟାନଙ୍କୁ ପାହାଡ଼ର ଦରାଃ ଠାରେ ରୋକିକି ରଖିବ ଯଦ୍ୱାରା ସେ ମୁସଲମାନମାନଙ୍କୁ ଦେଖିନେବ । ସୁତରାଂ ହଜରତ ଅବାସ୍ ର:ଅ ତାକୁ ରୋକି ରଖିଦେଲେ । ବିଭିନ୍ନ କବିଲାଗୁଡ଼ିକ ନବି କରିମ୍ ସ:ଆ:ସଙ୍କ ସହିତ ଯିବାକୁ ଲାଗିଲେ । ସେନାର ଗୋଟିଏ ଗୋଟିଏ ଖଣ୍ଡ ଅବୁ ସୁଫିୟାନଙ୍କ ସମ୍ମୁଖ ଦେଇ ଯିବାକୁ ଲାଗିଲା । ଯେତେବେଳେ ଗୋଟିଏ ଦଳ ଅତିବାହିତ କଲା ସେତେବେଳେ ଅବୁ ସୁଫିୟାନ୍ କହିଲେ ଅବାସ୍ ! ଏମାନେ କେଉଁ ଲୋକ ? ଏଥିରେ ସେ କହିଲେ ଏମାନେ ହେଉଛନ୍ତି କବିଲା ଗଫାର୍‌ର ଲୋକମାନେ । ଏଥିରେ ଅବୁ ସୁଫିୟାନ କହିଲା ମତେ ଗଫାର ସହିତ କିଛି କାମ ନାହିଁ । ପୁଣି ଜୁହେନା କବିଲାର ଲୋକମାନେ ଗଲେ ଅବୁ ସୁଫିୟାନ ସେହିପରି କହିଲା । ପୁଣି ସାଆଦ୍ ବିନ୍ ହୁଜୈଫ୍ ସମ୍ମୁଖରେ ଗଲା ପୁଣି ସୁଲେମ୍ କବିଲାର ଲୋକମାନେ ଗଲେ ଅବୁ ସୁଫିୟାନ ପୁଣି ସେହିଭଳି ପଚାରିଲା ଏପରି କି, ପରିଶେଷରେ ଏମିତି ଏକ ସେନାଦଳ ଆସିଲା ଯେ, ଏଭଳି ସେ କେବେ ଦେଖିନଥିଲା । ଅବୁ ସୁଫିୟାନ୍ ପଚାରିଲା ଏମାନେ କେଉଁ ଲୋକେ ? ହଜରତ ଅବାସ୍ ର:ଅ କହିଲେ ଅନ୍‌ସାର ଏବଂ ସେମାନଙ୍କର ସର୍ଦ୍ଦାର ସାଆଦ୍ ବିନ୍ ଉବାଦା ଅଟନ୍ତି ଓ ତାଙ୍କ ନିକଟରେ ଧ୍ୱଜା ରହିଛି । ହଜରତ ସାଆଦ୍ ବିନ୍ ଉବାଦା ର:ଅ ବଡ଼ପାଟିରେ କହିଲେ ଅବୁ ସୁଫିୟାନ୍ ! ଆଜିର ଦିନଟି ଘମାଘୋଟ ଯୁଦ୍ଧ କରିବାର ଦିନ ଆଜି କାବାଠାରେ ଯୁଦ୍ଧ କରିବା ହଲାଲ୍ ଅର୍ଥାତ ବୈଧ ହେବ । ଅବୁ ସୁଫିୟାନ ଏକଥା ଶୁଣି କହିଲା ହେ ଅବାସ୍ ! ବରବାଦୀ ହେବାର ଏହି ଦିନଟି କେଡ଼େ ଭଲ ହେବ । ଯଦି ମୁକାବିଲା କରିବାର ଅବସର ମିଳିଯାଏ । ଅର୍ଥାତ ମୁଁ ଅନ୍ୟପଟେ ହୋଇଥାନ୍ତି ବା ଏପଟ ହୋଇଥିବା ଯୋଗୁଁ ମତେ ମଧ୍ୟ ମଉକା ମିଳିଥାନ୍ତା କାରଣ ସେ ଇସ୍‌ଲାମ୍ ଗ୍ରହଣ କରିସାରିଥିଲା । ପୁଣି ସେନା ଦଳର ଅଉଗୋଟିଏ ଖଣ୍ଡ ଆସିଲା ଏବଂ ତାହା ସମଗ୍ର ସେନା ଭିତରେ ଛୋଟିଆ ଦଳ ଥିଲା । ତା' ମଧ୍ୟରେ ରସୁଲୁଲ୍ଲାଃ ସ:ଆ:ସ ଥିଲେ ଏବଂ ଆପଣ ସ:ଆ:ସଙ୍କ ସହିତ ମୁହଜିର୍ ମାନେ ଥିଲେ । ଏବଂ ନବି କରିମ୍ ସ:ଆ:ସଙ୍କ ଧ୍ୱଜା ହଜରତ ଜୁବୈର୍ ବିନ୍ ଅୱାମ୍ ର:ଅଙ୍କ ନିକଟରେ ଥିଲା । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଅବୁ ସୁଫିୟାନଙ୍କ ନିକଟକୁ ଗଲେ । ସେତେବେଳେ ଅବୁ ସଫିୟାନ କହିଲା କଣ ଆପଣ ଜାଣିନାହାନ୍ତି କି, ସାହାଦ୍ ବିନ୍ ଉବାଦାଃ ର:ଅ କଣ କହିଛନ୍ତି ? ଏଥିରେ ଆପଣ ସ:ଆ:ସ ପଚାରିଲେ କଣ କହିଛନ୍ତି ? ସେ କହିଲେ ଯେ ଏପରି କିଛନ୍ତି । ଯାହା ବି ସେ, ଶବ୍ଦରେ ବ୍ୟବହାର କରିଥିଲେ । ଆପଣ ସ:ଆ:ସ କହିଲେ ସାଆଦ୍ ଠିକ୍ କରିନାହାନ୍ତି ବରଂ ଏହା ହେଉଛି ସେହି ଦିନ ଯେଉଁଦିନ ଅଲ୍ଲାଃ ତାଲାକ କାଆବ୍‌ଙ୍କ ମହାନତାକୁ ପ୍ରତିଷ୍ଠା କରିବ । ଏବଂ କାଆବ୍‌ଙ୍କ ଉପରେ ଚାଦର ଚଢ଼ାଯିବ । କୌଣସି ପ୍ରକାରର ଯୁଦ୍ଧ ଓ ଲଢ଼େଇ ହେବ ନାହିଁ । *(ସହି ବୁଖାରୀ କିତାବୁଲ୍ ମଗାଜି........ ହଦୀସ ୪୨୮୦) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୪, ପୃ-୨୪୭) ।*

ଏହି ଘଟଣାକୁ ହଜରତ ମୁସ୍‌ଲେହ ମଉଦ ର:ଅ ଆଉ ଟିକିଏ ବ୍ୟାପକ ରୂପେ ବର୍ଣ୍ଣନା କରିଛନ୍ତି ତାହା ହେଉଛି ଏପରି କି, ଯେତେବେଳେ ସେନା ମକ୍କା ଆଡ଼କୁ ବଢ଼ିଲା ସେତେବେଳେ ରସୁଲେ କରିମ୍ ସ:ଆ:ସ ହଜରତ ଅବାସ୍ ର:ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ, କୌଣସି ସଡ଼କର କୋଣରେ ଅବୁ ସୁଫିୟାନ୍ ଏବଂ ତାଙ୍କ ସାଥି ମାନଙ୍କୁ ନେଇ ଛିଡ଼ା ହୋଇଯାଅ ଯଦ୍ୱାରା ସେ ଇସ୍‌ଲାମୀୟ ସେନା ଓ ସେମାନଙ୍କର ଉତ୍ସର୍ଗୀ ମନୋଭାବ ଦେଖିପାରିବେ । ହଜରତ ଅବାସ୍ ର:ଅ ସେହିପରି କଲେ । ଅବୁ ସୁଫିୟାନ୍ ଏବଂ ତାଙ୍କ ସାଥିମାନଙ୍କ ସମ୍ମୁଖରେ ଗୋଟିଏ ପରେ ଆଉ ଗୋଟିଏ ଆରବୀୟ କବିଲା ଯିବାକୁ ଲାଗିଲା ଯେଉଁମାନଙ୍କ ସାହାଯ୍ୟ ପାଇଁ ମକ୍କାର ଲୋକମାନେ ଭରସା କରୁଥିଲେ । ଯେବେ କି ସେମାନେ ସମସ୍ତେ ଆଁ ହଜରତ ସ:ଆ:ସଙ୍କ ସହିତ ଥିଲେ । କିନ୍ତୁ ଆଜି ସେହି କବିଲାଗୁଡ଼ିକ କୁଫୁର୍ (ଅଥାତ୍ ଅବିଶ୍ୱାସକାରୀ) ମାନଙ୍କ ଧ୍ୱଜାଙ୍କୁ ଉଡ଼ାଉ ନଥିଲେ ବରଂ ଆଜି ସେମାନେ ଇସ୍‌ଲାମର ଧ୍ୱଜାକୁ ଉତଳନ କରୁଥିଲେ ଓ ସେମାନଙ୍କ ମୁହଁରେ ଶକ୍ତିଶାଳୀ ଖୁଦାଙ୍କ ଏକଶ୍ୱରବାଦର ଘୋଷଣା ହେଉଥିଲା । ଏମାନେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଜୀବନ ନେବାପାଇଁ ଆଗକୁ ବଢୁନଥିଲେ ଯେମିତି କି, ମକ୍କାର ଲୋକାମାନେ ଆଶା କରୁଥିଲେ ବରଂ ସେମାନେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ ନିଜ ରକ୍ତର ଶେଷ ବୁନ୍ଦାକୁ ବୁହାଇବା ପାଇଁ ପ୍ରସ୍ତୁତ ଥିଲେ ଓ ସେମାନଙ୍କର ଅନ୍ତିମ ଇଚ୍ଛା ଏହା ଥିଲା କି, ଏକ ଈଶ୍ୱରଙ୍କ ଏକଶ୍ୱରବାଦ ଓ ତାହାଙ୍କ ତବ୍‌ଲିଗ୍‌କୁ ପୃଥିବୀରେ ପ୍ରତିଷ୍ଠା କରିଦେବେ ।

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

ସେନାଦଳ ଚାଲିଯାଉଥିଲା ଏତିକି ବେଳେ ଅଶ୍‌ଜଅ କବିଲାର ସେନାଦଳଟି ଗଲା । ଇସ୍‌ଲାମ୍‌ର ପ୍ରେମ ଓ ତା'ପାଇଁ ଉତ୍ସର୍ଗ ହେବାର ଉତ୍ସାହ ସେମାନଙ୍କ ଚେହେରାରୁ ବାରି ହେଇପଡୁଥିଲା । ଏବଂ ସେମାନଙ୍କ ସ୍ଲୋଗାନରୁ ପ୍ରକାଶ ହେଉଥିଲା । ଅବୁ ସୁଫିଆନ୍ କହିଲା ଅବାସ୍ ! ଏମାନେ କିଏ ଅବାସ୍ ର:ଅ କହିଲେ ଇଏ ହେଉଛି ଅଶ୍‌ଜଅ କବିଲା । ଅବୁ ସୁଫିଆନ୍ ଆଶ୍ଚର୍ଯ୍ୟ ଚକିତ ହୋଇ ଅବାସ୍ ର:ଅଙ୍କ ମୁହଁକୁ ଦେଖି କହିଲା ସମଗ୍ର ଆରବମାନଙ୍କ ମଧ୍ୟରୁ ଏମାନଙ୍କଠାରୁ ଅଧିକା ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କର କେହି ଶତ୍ରୁ ନଥିଲେ । ଅବାସ୍ ର:ଅ କହିଲେ ଏହା ହେଉଛି ଖୁଦାଙ୍କ କୃପା ଯେ, ଯେବେ ସେ ଚାହୁଁଛନ୍ତି ସେ ସେମାନଙ୍କ ହୃଦୟରେ ଇସ୍‌ଲାମ୍‌ର ପ୍ରେମକୁ ପ୍ରବେଶ କରାଇ ଦେଉଛନ୍ତି । ସବୁଠାରୁ ଶେଷରେ ରସୁଲୁଲ୍ଲାଃ ସ:ଆ:ସ ମୁହାଜିର୍ ଏବଂ ଅନ୍‌ସାରମାନଙ୍କ ସେନାକୁ ନେଇ ଅତିବାହିତ ହେଲେ । ଏହି ଲୋକମାନେ ଦୁଇହଜାର ସଂଖ୍ୟା ବିଶିଷ୍ଟ ଥିଲେ ଏବଂ ଆପାଦମସ୍ତକ ଯୁଦ୍ଧାସ୍ତ୍ର ଜର୍‌ହା ବକ୍‌ତର୍ ଦ୍ୱାରା ଆଚ୍ଛାଦିତ ହୋଇଥିଲେ । ହଜରତ ଉମର୍ ର:ଅ ସେମାନଙ୍କର ଧାଡ଼ିଗୁଡ଼ିକୁ ସଳଖ କରି ଚାଲୁଥିଲେ ଓ ଏ କଥା କହୁଥିଲେ ଯେ, ପାଦ ସମ୍ଭାଳି ସମ୍ଭାଳି ଚାଲ ଯଦ୍ୱାରା ଧାଡ଼ି ମଧ୍ୟରେ ଦୁରତା ଠିକ୍ ରହିବ । ଏହି ପୁରୁଣା ଉତ୍ସର୍ଗୀ ମୁସଲମାନମାନଙ୍କର ଜୋଷ୍, ସେମାନଙ୍କର ସଙ୍କଳ୍ପ, ସେମାନଙ୍କ ଉତ୍ସାହ ସେମାନଙ୍କର ଚେହେରାରୁ ଜଣାପଡୁଥିଲା । ଅବୁ ସୁଫିଆନ୍ ସେମାନଙ୍କୁ ଦେଖି ତା'ର ହୃଦୟ କମ୍ପିଗଲା ସେ ପଚାରିଲା ଅବାସ୍ ! ଏମାନେ କିଏ ସେ ? ଅବାସ୍ ର:ଅ କହିଲେ ଯେ, ରସୁଲୁଲ୍ଲାଃ ସ:ଆ:ସ ଅନ୍‌ସାର ଏବଂ ମୁହାଜିର୍‌ମାନଙ୍କ ସେନାଙ୍କ ମଧ୍ୟରେ ଯାଉଅଛନ୍ତି । ଅବୁ ସୁଫିଆନ୍ ଉତର ଦେଲା ତେବେ ଏହି ସେନାର ମୁକାବିଲା କରିବାପାଇଁ ପୃଥିବୀରେ କାହାର ଶକ୍ତି ନାହିଁ । ପୁଣି ସେ ହଜରତ ଅବାସ୍ ର:ଅଙ୍କୁ ସମ୍ବୋଧନ କରି କହିଲା । ତୁମ ଭାଇଙ୍କର ପୁତ୍ର ଆଜି ଦୁନିଆରେ ସବୁଠାରୁ ବଡ଼ ସମ୍ରାଟ ହୋଇଯାଇଛି । ଅବାସ୍ ର:ଅ କହିଲେ ଏବେ ମଧ୍ୟ ତୁମ ହୃଦୟର ଆଖି ଖୋଲିନାହିଁ । ଏହା ସମ୍ରାଟତନ୍ତ୍ର ନୁହେଁ ଏହା ନବୁଓ୍ୱତ୍ । ଅବୁ ସୁଫିଆନ୍ କହିଲା ହଁ ହଁ ଠିକ୍ ଅଛି, ନବୁଓ୍ୱତ ହିଁ ହେଉ । ଯେଉଁ ସମୟରେ ଏହି ସେନାଦଳ ଅବୁ ସୁଫିଆନ ସମ୍ମୁଖରେ ଅତିବାହିତ କରୁଥିଲା ସେତେବେଳେ ଅନ୍‌ସାର୍‌ଙ୍କ କମାଣ୍ଡର୍ ସାଆଦ୍ ବିନ୍ ଉବାଦା ର:ଅ ଅବୁ ସୁଫିଆନକୁ ଦେଖି କହିଲେ ଆଜି ଖୁଦାତାଲା ଆମପାଇଁ ମକ୍କାରେ ପ୍ରବେଶ କରିବା ତରବାରୀ ସାହାଯ୍ୟରେ ହଲାଲ୍ କରିଦେଇଛନ୍ତି । ଆଜି କୁରୈଶ୍ ଜାତିକୁ ଅପମାନିତ କରିଦିଆଯିବ । ଯେବେ ରସୁଲୁଲ୍ଲାଃ ସ:ଆ:ସ ଅବୁ ସୁଫିଆନ୍‌ଙ୍କ ନିକଟଦେଇ ଅତିକ୍ରମ କରିଗଲେ ସେତେବେଳେ ସେ ଉଚ୍ଚ ସ୍ୱରରେ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! କ'ଣ ଆପଣ ନିଜ କୌମ୍‌କୁ ହତ୍ୟା କରିବାପାଇଁ ଅନୁମତି ଦେଇଦେଇଛନ୍ତି । ଏବେ ଏବେ ଅନ୍‌ସାରଙ୍କ ସର୍ଦ୍ଦାର ସାଆଦ୍ ଏବଂ ତାଙ୍କ ସାଥିମାନେ ଏହି କଥା କହୁଥିଲେ ସେମାନେ ଉଚ୍ଚ ସ୍ୱରରେ ଏକଥା କହୁଥିଲେ ଯେ, ଆଜି ଯୁଦ୍ଧ ହେବ ଏବଂ ମକ୍କାର ହୁର୍‌ମତ୍ ଆଜି ଆମକୁ ଯୁଦ୍ଧ କରିବାରୁ ରୋକିପାରିବ ନାହିଁ ଏବଂ କୁରୈଶ୍‌ଙ୍କୁ ଆମେ ଅପମାନିତ କରି ଛାଡ଼ିବୁ । ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ତ ଏ ଦୁନିଆରେ ସବୁଠାରୁ ଅଧିକ ପୂଣ୍ୟବନ୍ତ, ସବୁଠାରୁ ଅଧିକା ଦୟାଳୁ ସିଲାରହେମି (ଅର୍ଥାତ ନିକଟ ସମ୍ପର୍କୀୟଙ୍କ ସହିତ ସଦ୍‌ବ୍ୟବହାର କରୁଥିବା ବ୍ୟକ୍ତି ଅଟନ୍ତି) । କ'ଣ ଆଜି ଆପଣ ସ:ଆ:ସ ନିଜ କୌମ୍‌ର ଅତ୍ୟାଚାର ଗୁଡ଼ିକୁ ଭୁଲିଯିବେ ନାହିଁ । ଅବୁ ସୁଫିଆନ୍‌ର ଏ ଅଭିଯୋଗ ଏବଂ ଏହି ନିବେଦନକୁ ଶୁଣି ସେହି ମୁହାଜିର୍‌ମାନେ ମଧ୍ୟ ତଡ଼ପି ଉଠିଲେ ଯେଉଁମାନଙ୍କୁ ମକ୍କାର ଗଳିମାନଙ୍କରେ ପିଟା ଯାଉଥିଲା ଓ ମରାଯାଉଥିଲା ଏବଂ ଯେଉମାନଙ୍କୁ ନିଜ ଘରୁ ଏବଂ ସମ୍ପତିରୁ ବେଦଖଲ କରାଯାଉଥିଲା । ଏବଂ ସେମାନଙ୍କ ହୃଦୟରେ ମଧ୍ୟ ମକ୍କାର ଲୋକମାନଙ୍କ ପାଇଁ କରୁଣା ସୃଷ୍ଟି ହୋଇଗଲା ତେଣୁ ସେମାନେ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଅନ୍‌ସାରମାନେ ମକ୍କାର ଲୋକମାନଙ୍କର ଅତ୍ୟାଚାର କରିବାର ଯେଉଁ ଘଟଣାସବୁ ଶୁଣିଛନ୍ତି ଆଜି ସେଥିଯୋଗୁଁ ଆମେ ଜାଣିନାହୁଁ ଯେ, ସେମାନେ କୁରୈଶଙ୍କ ସହିତ କି ପ୍ରକାରର ବ୍ୟବହାର କରିବେ । ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ଅବୁ ସୁଫିଆନ୍ ସାଆଦ୍ ଭୁଲ୍ କହିଛନ୍ତି ଆଜି ହେଉଛି ରହମ୍ ଅର୍ଥାତ କରୁଣା ଦେଖାଇବାର ଦିନ ଆଜି ଅଲ୍ଲାଃ ତାଲା କୁରୈଶ୍ ଏବଂ ଖାନାକାବାକୁ ସମ୍ମାନ ପ୍ରଦାନ କରିଛନ୍ତି । ପୁଣି ଆପଣ ସ:ଆ:ସ ଜଣେ ଲୋକକୁ ସାଆଦ୍ ର:ଅଙ୍କ ନିକଟକୁ ପଠାଇଲେ ଏବଂ କହିଲେ ନିଜର ଧ୍ୱଜାଟିକୁ ନିଜ ପୁତ୍ର କୈଶ୍ ର:ଅଙ୍କୁ ଦେଇଦିଅ କାରଣ ଏବେ ସେ ତୁମ ସ୍ଥାନରେ ଅନ୍‌ସାରମାନଙ୍କ ସେନାଙ୍କ କମାଣ୍ଡର ହେବେ । ଏହିପରି ଆପଣ ସ:ଆ:ସ ତାଙ୍କଠାରୁ ଧ୍ୱଜାଟିକୁ ନେଇନେଲେ ଓ ତାଙ୍କ ପୁତ୍ରଙ୍କୁ ଦେଇଦେଲେ । ଏହିପରି ଆପଣ ସ:ଆ:ସ ମକ୍କା ବାସୀଙ୍କ ହୃଦୟ ଜିଣିନେଲେ ଏବଂ ଅନ୍‌ସାରମାନଙ୍କ ମନକୁ କୌଣସି ଦୁଃଖ ମଧ୍ୟ ପହଂଚିବାରୁ ସୁରକ୍ଷିତ ରଖିଲେ । ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କୁ କୈଶ୍ ର:ଅଙ୍କ ଉପରେ ପୂର୍ଣ୍ଣ ଭରସା ଥିଲା ସେ ସାଆଦ୍‌ଙ୍କ ପୁତ୍ର ଥିଲେ । କାରଣ କୈଶ୍ ଅତ୍ୟନ୍ତ ଭଦ୍ରସ୍ୱଭାବର ଯୁବକ ଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି, ତାଙ୍କ ଭଦ୍ରାମିର ଏପରି ଅବସ୍ଥା ଥିଲା ଯେ, ଇତିହାସରେ ବର୍ଣ୍ଣିତ ଅଛି କି, ତାଙ୍କ ମୃତ୍ୟୁ ନିକଟତର ହେବା ସମୟରେ ଯେତେବେଳେ କିଛି ଲୋକେ ତାଙ୍କୁ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଦେଖିବାପାଇଁ ଆସିଲେ ଏବଂ କେତେକ ଲୋକ ଆସିଲେ ମଧ୍ୟ ନାହିଁ । ସେମାନେ ନିଜ ସାଙ୍ଗସାଥିଙ୍କଠାରୁ ପଚାରି ବୁଝିଲେ ଯେ, କ'ଣ କାରଣ ଯେ, କିଛି ଲୋକଙ୍କର ପରିଚିତ ହେବା ସତ୍ୱେ ମତେ ଦେଖିବାକୁ ଆସନାହାନ୍ତି । ତାଙ୍କ ସାଙ୍ଗମାନେ ତାଙ୍କୁ କହିଲେ ଯେ, ଆପଣ ତ ବହୁତ ବଡ଼ ଧର୍ନାଢ଼୍ୟ ବ୍ୟକ୍ତି ଅଟନ୍ତ । କୈସ୍ ର:ଅ ବହୁତ ବିତଶାଳୀ ଥିଲେ ଏବଂ ଲୋକମାନଙ୍କୁ ବହୁତ ସେବା କରୁଥିଲେ ତେଣୁ ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କ ଅସୁବିଧା ସମୟରେ କରଜ ଦେଇ ଦେଉଥିଲେ । ଯିଏ ମାଗିଲା ତାକୁ କରଜ ଦେଇଦେଉଥିଲେ । ଏବଂ ସହରର ବହୁତ ଲୋକେ ତାଙ୍କଠାରୁ କରଜ ନେଇଛନ୍ତି ତେଣୁ ସେମାନେ ସେଥିପାଇଁ ତାଙ୍କୁ ଦେଖିବାପାଇଁ ଆସିଲେ ନାହିଁ ଯେ, କାଳେ ତାଙ୍କୁ ଏପରି ପରିସ୍ଥିତିରେ ଆବଶ୍ୟକ ଥିବ ଏବଂ ସେ ତାଙ୍କଠାରୁ ପଇସା ମାଗିନେବେ । ଯେଉଁ କରଜ ଦେଇଛନ୍ତି ତାକୁ ମାଗି ନ ନିଅନ୍ତୁ । ସେ କହିଲେ ଓହ ! ବହୁତ ଦୁଃଖର ସହିତ କହିଲେ ଯେ, ମୋ ବନ୍ଧୁମାନଙ୍କୁ ବିନା କାରଣରେ ଏହି କଷ୍ଟ ପହଂଚିଛି । ତାଙ୍କୁ ଯଦି ଏପରି ଭାବନା ଆସେ ତେବେ ମୋ ତରଫରୁ ସାରା ସହରରେ ଏ ଘୋଷଣା କରଦିଅ ଯେ, ଏପରି ପ୍ରତ୍ୟେକ ବ୍ୟକ୍ତି ଯାହାଙ୍କ ଉପରେ କୈସ୍‌ଙ୍କ କରଜ ଥିବ, ତାକୁ କ୍ଷମା କରିଦିଆ ଯାଉଅଛି । ଏକଥା ଶୁଣିବାପରେ କୁହାଯାଉଛି ଯେ, ଏତେ ସଂଖ୍ୟକ ଲୋକେ ତାଙ୍କୁ ଦେଖିବାପାଇଁ ଆସିଲେ ଯେ, ତାଙ୍କ ଘରର ପାହାଚଗୁଡ଼ିକ ଭାଙ୍ଗିଗଲା *(ତିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୩୪୧-୩୪୩)*

ହୁନୈନ୍ ଯୁଦ୍ଧ ର ଦ୍ୱିତୀୟ ନାମ ହେଉଛି ହଓ୍ୱାଜନ୍ ଯୁଦ୍ଧ ହୁନୈନ୍ ହେଉଛି ପବିତ୍ର ମକ୍କା ଏବଂ ତାଏଫ୍ ସହରର ମଧ୍ୟ ଭାଗରେ ଥିବା ଗୋଟିଏ ଘାଟିର ନାମ ତାହା ମକ୍କାଠାରୁ ତିନି ମାଇଲ ଦୁରତାରେ ଅବସ୍ଥିତ । ହୁନୈନ୍ ଯୁଦ୍ଧ ଶଓ୍ୱାଲ୍ ୮ ହିଜ୍‌ରୀ ଫତାଃ ମକ୍କାପରେ ଅନୁଷ୍ଠିତ ହୋଇଥିଲା । ଯେଉଁ ମାଲେ ଗନିମତ୍ ଏହି ଯୁଦ୍ଧରେ ପ୍ରାପ୍ତ ହୋଇଥିଲା ତାହାକୁ ନବି କରିମ୍ ସ:ଆ:ସ ମୁହାଜିର୍‌ମାନଙ୍କ ମଧ୍ୟରେ ବଂଟନ କରିଦେଇଥିଲେ । ତେଣୁ ଅନ୍‌ସାରମାନେ ଏହାକୁ ନିଜର ମନ ଭିତରେ ଅନୁଭବ କଲେ । ଏ ସମ୍ବନ୍ଧରେ ଗୋଟିଏ ବିବରଣୀପୂର୍ଣ୍ଣ ରିଓ୍ୱାୟତ ମସନଦ୍ ଅହେମଦ୍ ବିନ୍ ଅମ୍ବଲରେ ଏପରି ଉଲ୍ଲେଖ ଅଛି ଯେ, ହଜରତ ଅବୁ ସଇଦ୍ ଖୁଦ୍‌ରୀ ର:ଅଙ୍କଠାରୁ ବର୍ଣ୍ଣିତ ଅଛି କି, ଯେତେବେଳେ ନବୀ କରିମ୍ ସ:ଆ:ସ କୁରୈଶ୍ ଏବଂ ଅନ୍ୟାନ୍ୟ ଆରବୀୟ କବିଲାମାନଙ୍କ ମଧ୍ୟରେ ମାଲ୍ ବଂଟନ କଲେ ସେତେବେଳେ ଅନ୍‌ସାରଙ୍କ ଭାଗରେ ସେହି ମାଲ୍‌ରି କିଛି ମିଳିଲାନାହିଁ । ତେଣୁ ଅନ୍‌ସାରମାନେ ଏକଥା ଅନୁଭବ କଲେ । ଏବଂ ତାଙ୍କ ଭିତରେ ଏ ସମ୍ବନ୍ଧରେ ଚର୍ଚ୍ଚା ହେବାକୁ ଲାଗିଲା ଏପରି କି ସେମାନଙ୍କ ମଧ୍ୟରୁ ଜଣେ ଏକଥା କହିଲା ଯେ, ରସୁଲୁଲ୍ଲାଃ ସ:ଆ:ସ ନିଜ କୌମ୍ ସହିତ ଯାଇ ମିଶିଗଲେ ତେଣୁ ଆମକୁ ଭୁଲିଗଲେ ଓ ମୁହାଜିର୍‌ମାନଙ୍କୁ ମାଲ୍ ଦେଇଦେଲେ । ହଜରତ ସାଆଦ୍ ବିନ୍ ଉବାଦାଃ ଆଁ ହଜରତ ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏହି କବିଲା ଅର୍ଥାତ ଅନ୍‌ସାରମାନେ ଆପଣଙ୍କ ସମ୍ବନ୍ଧରେ ନିଜ ମନଭିତରେ କିଛି ଅନୁଭବ କରିଛନ୍ତି । କାରଣ ଆପଣ ନିଜ କୌମ୍ ଏବଂ ବିଭିନ୍ନ ଆରବୀୟ କବିଲାମାନଙ୍କ ମଧ୍ୟରେ ମାଲେ ଫଇ ବଂଟନ କରିଛନ୍ତି ଓ ଅନ୍‌ସାରମାନଙ୍କୁ ସେଥିରୁ କିଛି ମଧ୍ୟ ମିଳିଲା ନାହିଁ । ଏଥିରେ ଆପଣ ସ:ଆ:ସ ପଚାରିଲେ ହେ ସାଆଦ୍ ! ଏ ମାମଲାରେ ତୁମେ କେଉଁ ପକ୍ଷରେ ଅଛ ? ତୁମେ ନିଜ କଥାକୁ ରଖ ଏଥିରେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ତ ନିଜ କୌମ୍‌ର ଜଣେ ସଦସ୍ୟ ତେଣୁ ମୋର କ'ଣ ସ୍ଥିତି ଅଛି ଏଥିରେ ଆପଣ ସ:ଆ:ସ କହିଲେ ତୁମେ ତୁମ କୌମ୍‌କୁ ଏହି ପ୍ରାଙ୍ଗଣରେ ଏକତ୍ରୀତ କର ଅର୍ଥାତ ସେଠାରେ ଗୋଟିଏ ବହୁତ ବଡ଼ ଜାଗା ଥିଲା, ସେଠାକୁ ନେଇ ଆସ ତେଣୁ ହଜରତ ସାଆଦ୍ ର:ଅ ବାହାରିଲେ ଓ ଅନ୍‌ସାରମାନଙ୍କୁ ସେହି ପ୍ରାଙ୍ଗଣରେ ଏକତ୍ରିତ କରିଦେଲେ କିଛି ମୁହାଜିର୍‌ମାନେ ମଧ୍ୟ ଆସିଗଲେ । ହଜରତ ସାଆଦ୍ ର:ଅ ସେମାନଙ୍କୁ ଭିତରକୁ ଆସିବାକୁ ଦେଲେ ସେହିଭଳି ଆଉ କିଛି ଲୋକମଧ୍ୟ ଭିତରକୁ ଆସିଲେ ଏଥିରେ ହଜରତ ସାଆଦ୍ ସେମାନଙ୍କୁ ରୋକିଦେଲେ । ଯେତେବେଳେ ସମସ୍ତେ ଏକତ୍ରୀତ ହୋଇଗଲେ ସେତେବେଳେ ହଜରତ ସାଆଦ୍ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ କହିଲେ ଯେ, ଅନ୍‌ସାରମାନେ ଏକତ୍ରୀତ ହୋଇସାରିଛନ୍ତି । ରାଓ୍ୱି କହୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କ ନିକଟକୁ ଆସିଲେ ଏବଂ ଅଲ୍ଲାଃ ତାଲାଙ୍କ ପ୍ରଶଂସାଗାନ କରିବାପରେ କହିଲେ ହେ ଅନ୍‌ସାରମାନଙ୍କ ଦଳ ! କ'ଣ କଥା ଯାହା ତୁମମାନଙ୍କ ତରଫରୁ ମୋ ନିକଟକୁ ପହଂଚୁ ଅଛି । ବୋଧ ହୁଏ ତୁମକୁ ଏଥିରେ କିଛି ଅପ୍ରସନ୍ନତା ରହିଛି ଯେ, ତୁମକୁ କାହିଁକି ମାଲ ମିଳିଲାନାହିଁ । କ'ଣ ଯେତେବେଳେ ମୁଁ ତୁମ ନିକଟକୁ ଆସିଲି ସେତେବେଳେ ତୁମେମାନେ ପ୍ରଥଭ୍ରଷ୍ଟତାରେ ପଡ଼ିନଥିଲ । ତା'ପରେ ଅଲ୍ଲାଃ ତାଲା ତୁମକୁ ମାର୍ଗଦର୍ଶନ କରିନଥିଲେ ? କ'ଣ ତୁମେମାନେ ଆର୍ଥିକ ସଂକଟର ସ୍ୱୀକାର ନଥିଲ ଓ ଅଲ୍ଲାଃ ତାଲା ତୁମକୁ ଧନି କରିଦେଲେଣି ? କ'ଣ ତୁମେମାନେ ଜଣେ ଅନ୍ୟଜଣଙ୍କ ଶତୃ ନଥିଲ ଯେ, ଅଲ୍ଲାଃ ତାଲା ତୁମ ହୃଦୟ ଭିତରେ ଜଣେ ଅନ୍ୟଜଣକ ପ୍ରେମ ସୃଷ୍ଟି କରିନଥିଲା ? ଏଥିରେ ସେମାନେ କହିଲେ କାହିଁକି ନୁହେଁ । ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ ସ:ଆ:ସ ଅଧିକ ଦୟାବନ୍ତ ଏବଂ ସର୍ବୋତମ ଅଟନ୍ତି । ଆପଣ ସ:ଆ:ସ କହିଲେ ଯେ, ହେ ଅନ୍‌ସାରମାନଙ୍କ ଦଳ ! ତୁମେମାନେ ମୋ କଥାର ଉତର କାହିଁକି ଦେଉନାହଁ ? ସେମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆମେ ଆପଣଙ୍କୁ କ'ଣ ଉତର ଦେବୁ, ଯେବେ କି ଅନୁଗ୍ରହ ଏବଂ କରୁଣା ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ପାଇଁ ଉଦ୍ଦିଷ୍ଟ । ଆପଣ ସ:ଆ:ସ କହିଲେ ଈଶ୍ୱରଙ୍କ ରାଣ ଯଦି ତୁମେ ଚାହିଁଥାନ୍ତ ତେବେ ଏକଥା କହିପାରିଥାନ୍ତ । ଏବଂ ତୁମର ସେ କଥା ସତ୍ୟ ହୋଇଥାନ୍ତା ଏବଂ ତୁମର ସତ୍ୟତା ପ୍ରତିପାଦନ ମଧ୍ୟ ହୋଇଯାଇଥାନ୍ତା ଅର୍ଥାତ ଆପଣ ସ:ଆ:ସ ଆମ ନିକଟକୁ ଏପରି ଅବସ୍ଥାରେ ଆସିଥିଲେ ଯେତେବେଳେ ଆପଣ ସ:ଆ:ସଙ୍କୁ ଅସ୍ୱୀକାର କରିଦିଆଯାଇଥିଲା । ସୁତରାଂ ଆମେ ଆପଣଙ୍କର ସମର୍ଥନ କଲୁ ଏବଂ ଆପଣଙ୍କୁ ଆପଣଙ୍କ ନିକଟ ସମ୍ପର୍କୀୟମାନେ ଛାଡ଼ିଦେଇଥିଲେ । ତେଣୁ ଆମେ ତୁମକୁ ସାହାଯ୍ୟ କଲୁ । ଆପଣ ସ:ଆ:ସ ଆମ ନିକଟକୁ ଆସିଲେ ଅର୍ଥାତ ଲୋକମାନେ ଆପଣଙ୍କୁ ବାହାର କରିଦେଇଥିଲେ ତେଣୁ ଆମେ ଆପଣଙ୍କୁ ଶରଣ ଦେଇଥିଲୁ । ଆପଣ ସ:ଆ:ସଙ୍କୁ ଆମେ ଗୋଟିଏ ବଡ଼ ବଂଶରୟ ରୂପେ ପାଇଲୁ ତେଣୁ ଆମେ ଆପଣଙ୍କ ସହିତ ଭାଇଚାରା ପ୍ରତିଷ୍ଠା କଲୁ । ହେ ଅନ୍‌ସାରଙ୍କ ଦଳ ! କ'ଣ ତୁମେ ଏ ଦୁନିଆର ଏକ ନ୍ୟୁନତମ ଧନ ପାଇଁ ଦୁଃଖ ଅନୁଭବ କରୁଛ ? ପୁଣି ଆପଣ ସ:ଆ:ସ ଏକଥା କହିବା ପରେ କହିଲେ ଯେ, ତୁମେ ଏଭଳି ଉତର ଦେଇପାରିଥାନ୍ତ । ପୁଣି କହିଲେ ଯେ, ହେ ଅନ୍‌ସାରଙ୍କ ଦଳ ! କ'ଣ ତୁମେ ଦୁନିଆର ତୁଚ୍ଛ ଧନ ପାଇଁ ଦୁଃଖ ଅନୁଭବ କରୁଛ ଯେ, ମୁଁ ତୁମକୁ ତାହା କାହିଁକି ଦେଲିନାହିଁ । ଏବଂ ମୁଁ ସେମାନଙ୍କୁ ଦେଇଦେଲି । ତାହା ମୁଁ ସେହି କୌମ୍‌ର ଲୋକମାନଙ୍କ ତାଲିଫେ କଲବ୍ ଅର୍ଥାତ ସେମାନଙ୍କର ହୃଦୟ ଜିଣିବା ପାଇଁ ଦେଇଦେଇଛି । ଯଦ୍ୱାରା ସେମାନେ ଇସ୍‌ଲାମ ଗ୍ରହଣ କରିନେବେ । ଏବଂ ମୁଁ ତୁମମାନଙ୍କୁ ତୁମ ଇସ୍‌ଲାମ୍ ଉପରେ ନ୍ୟସ୍ତ କରିଦେଇଛି । ହେ ଅନ୍‌ସାରଙ୍କ ଦଳ ! କ'ଣ ତୁମେମାନେ ଏଥିରେ ଖୁସୀ ନାହଁ ଯେ, ଲୋକମାନେ ମେଣ୍ଢା, ଛେଳି ଓ ଓଟ ନେଇ ଯାଆନ୍ତୁ ଓ ତୁମେମାନେ ରସୁଲୁଲ୍ଲାଃ ସ:ଆ:ସ କୁ ନେଇ ନିଜ ଘରକୁ ଫେରିଯାଅ । ପୁଣି ଆପଣ ସ:ଆ:ସ କହିଲେ ମତେ ତା' ରାଣ ଯାହାଙ୍କ ହସ୍ତରେ ମୁହମ୍ମଦ ସ:ଆ:ସଙ୍କ ଜୀବନ ନାଟିକା ରହିଛି । ଯଦି ହିଜ୍‌ରତ୍ ନ ହୋଇଥାନ୍ତା ତେବେ ମୁଁ ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହୋଇଥାନ୍ତି । ଯଦି ଲୋକମାନେ ଗୋଟିଏ ଓ୍ୱାଦି (ସମତଳ ଜାଗା)ରେ ଚାଲୁଥିବେ ଏବଂ ଅନ୍‌ସାରମାନେ ଅନ୍ୟ ଓ୍ୱାଦିରେ ଚାଲୁଥିବେ । ତେବେ ମୁଁ ଅନ୍‌ସାରମାନଙ୍କ ଓ୍ୱାଦୀକୁ ଗ୍ରହଣ କରିବି । ହେ ଅଲ୍ଲାଃ ! ଅନ୍‌ସାରଙ୍କ ଉପରେ ଦୟା କରନ୍ତୁ ସେହିପରି ଅନ୍‌ସାରଙ୍କ ପୁଅ ଓ ଝିଅମାନଙ୍କ ଉପରେ ଦୟା କରନ୍ତୁ । ରାଓ୍ୱି କହୁଛନ୍ତି ଏଥିରେ ସେହି ସବୁ ଅନ୍‌ସାରମାନେ କାନ୍ଦିବାକୁ ଲାଗିଲେ । ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ । ଏପରି କି, ସେମାନଙ୍କର ଦାଢ଼ି ସେମାନଙ୍କର ଅଶ୍ରୁ ଦ୍ୱାରା ଭିଜିଗଲା । ଏବଂ ସେମାନେ କହିବାକୁ ଲାଗିଲେ ଯେ, ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ଧନ ବଂଟନ ଏବଂ ଧନ ଭାଗ କରିବା ଦୃଷ୍ଟିକୋଣରୁ ରାଜି ଅଛୁ ଅର୍ଥାତ ଯାହା କିଛି ଆପଣ ସ:ଆ:ସ ବଂଟନ କରିଛନ୍ତି । ଆମେ ସେଥିରେ ରାଜି ଅଛୁ ଏବଂ ଆପଣ ଆମ ପାଇଁ ଯଥେଷ୍ଟ । ପୁଣି ରସୁଲୁଲ୍ଲାଃ ସ:ଆ:ସ ସେଠାରୁ ଲେଉଟି ଚାଲିଗଲେ ଏବଂ ଲୋକମାନେ ମଧ୍ୟ ଏଣୁତେଣୁ ହୋଇ ଚାଲିଗଲେ । *(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍ ଖଣ୍ଡ-୪, ପୃ-୧୯୨ ରୁ ୧୯୩...... ଆଲେମିଲୁ କୁତୁବ୍ ୧୯୯୮) (ଇଟ୍‌ଲିସ୍ ସିରତେ ନବଓ୍ୱି ପୃ-୪୦୮-୪୦୯ ମୁଦ୍ରଣ ଦାରୁଲ୍ ସଲାମ୍ ରିଆଜ୍ ୧୪୨୪) (ସିରତୁଲ୍ ହଲ୍‌ବିୟା ଖଣ୍ଡ-୩, ପୃ-୧୬୩, ୧୭୫.........ବେରୁତ ୨୦୦୨)*

ହୁଜତୁଲ୍ ଓ୍ୱିଦା ନିମନ୍ତେ ଆଁ ହଜରତ ସ:ଆ:ସ ମଦିନାରୁ ଯାତ୍ରା ଆରମ୍ଭ କରି ଯେତେବେଳେ ମକ୍କା ମେ ହଜ୍ ଠାରେ ପହଂଚିଲେ ସେତେବେଳେ ସେଠାରେ ଆପଣଙ୍କର ବାହନ ହଜିଗଲା । ଆଁ ହଜରତ ସ:ଆ:ସ ଏବଂ ହଜରତ ଅବୁବକର୍ ର:ଅଙ୍କର ବାହନ ଗୋଟିଏ ହିଁ ଥିଲା ଓ ତାହା ହଜରତ ଅବୁବକର୍ ର:ଅଙ୍କ ଗୁଲାମଙ୍କ ନିକଟରେ ଥିଲା, ତାହା ରାତି ସମୟରେ ହଜିଗଲା । ହଜରତ ସଫୁଆନ୍ ବିନ ମୁଅତଲ୍ ର:ଅ କାଫିଲାର ସଭାଶେଷରେ ଥିଲେ ସେ ନିଜ ସହିତ ସେହି ଓଟଟିକୁ ନେଇ ଆସିଲେ ଓ ସମସ୍ତ ସାମଗ୍ରୀ ଗୁଡ଼ିକ ମଧ୍ୟ ତା ଉପରେ ମହଜୁଦ ଥିଲା । ଅର୍ଥାତ ଯେଉଁ ଓଟଟି ହଜି ଯାଇଥିଲା ସେ ତାକୁ ସାଥିରେ ନେଇ ଆସିଲେ ଓ ତା' ଉପରେ ପୂର୍ବଭଳି ସବୁ ଜିନିଷପତ୍ର ମହଜୁଦ୍ ଥିଲା ।

ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଯେତେବେଳେ ଏକଥା ଶୁଣିଲେ ସେତେବେଳେ ସେ, ତାଙ୍କ ପୁଅ କଏସ୍ ର:ଅଙ୍କ ସାଥିରେ ଆସିଲେ । ସେହି ଦୁଇଜଣଙ୍କ ସାଥିରେ ଗୋଟିଏ ଓଟ ଥିଲା ଓ ତା ଉପରେ ଖାଇବା ପିଇବା ପାଇଁ ସାମଗ୍ରୀ ଥିଲା । ଅର୍ଥାତ ଯାତ୍ରା କରିବାର ସମସ୍ତ ସାମଗ୍ରୀ ସେଥିରେ ଲଦା ହୋଇଥିଲା । ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲେ । ସେ ସମୟରେ ଆଁ ହଜରତ ସ:ଆ:ସ ନିଜ ଘରର ଦରଜା ନିକଟରେ ଛିଡ଼ା ହୋଇଥିଲେ । ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କ ସାମାନ୍ ଥିବା ବାହନଟିକୁ ଫେରାଇଦେଇଥିଲେ ଅର୍ଥାତ ସେତେବେଳକୁ ଆପଣଙ୍କର ହଜିଯାଇଥିବା ସେହି ଓଟଟି ମିଳିଗଲା ।

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ଯେତେବେଳେ ସାଆଦ୍ ର:ଅ ଆସିଲେ ସେତେବେଳେ ସେ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆମେ ଜାଣିବାକୁ ପାଇଛୁ ଯେ, ଆପଣଙ୍କ ସାମାନ୍ ଭରା ବାହନଟି ହଜି ଯାଇଛି ତେଣୁ ଆମର ଏହି ବାହନଟି ତା'ର ପ୍ରତିବଦଳରେ ନିଅନ୍ତୁ ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଅଲ୍ଲାଃ ତାଲା ସେହି ବାହନଟିକୁ ଆମ ନିକଟକୁ ଫେରାଇ ଦେଇଛନ୍ତି । ଅର୍ଥାତ ହଜିଯାଇଥିବା ଜିନିଷଟି ମିଳିଯାଇଛି । ତେଣୁ ତୁମେ ଦୁଇଜଣଯାକ ନିଜର ବାହନଟିକୁ ନେଇଯାଅ । ଅଲ୍ଲାଃ ତୁମ ଦୁଇଜଣକ ମଧ୍ୟରେ ବର୍‌କତ୍ ଦିଅନ୍ତୁ *(ସୁବୁଲୁଲ୍ ହୁଦା ଖଣ୍ଡ-୮ ପୃ-୪୬୦..... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୩) (କିତାବୁଲ୍ ମଗାଜି ଖଣ୍ଡ-୩, ପୃ-୧୦୯୩....... ଆଲିମୁଲ୍ କୁତୁବ୍ ବେରୁତ ୧୯୮୪)*

ହଜରତ ଉସାମା ବିନ୍ ଜଏଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ନବି କରିମ୍ ସ:ଆ:ସଙ୍କ ଝିଅ ଆପଣ ସ:ଆ:ସଙ୍କୁ ଡ଼କାଇ ପଠାଇଲେ ଯେ, ମୋ ପିଲାର ଅବସ୍ଥା ବହୁତ ଖରାପ ତେଣୁ ଆମ ନିକଟକୁ ଆସନ୍ତୁ ଏଥିରେ ଆପଣ ସ:ଆ:ସ ଏକଥା କହି ପଠାଇଲେ ଯେ, ଅଲ୍ଲାଃ ତାଲାଙ୍କ ଧନ ସେ ଯଦି ଚାହିଁବେ ତାକୁ ନେଇନେବେ ତେଣୁ ସେ ହେଉଛି ତାଙ୍କର ଯିଏ ତାକୁ ଦେଇଛନ୍ତି ଏବଂ ପ୍ରତ୍ୟେକ କଥା ତାଙ୍କ ନିକଟରେ ଏକ ଧାର୍ଯ୍ୟ ସମୟ ମଧ୍ୟରେ ନିମିତ ଅଛି ତେଣୁ ତୁମେ ଧୈର୍ଯ୍ୟ ଧର ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଚାହଁ । ସେ ପୁଣି ଆପଣ ସ:ଆ:ସଙ୍କୁ ଡ଼କାଇ ପଠାଇଲେ ଏବଂ ଆପଣ ସ:ଆ:ସଙ୍କୁ ରାଣ ଦେଲେ ଯେ, ତାଙ୍‌କ ନିକଟକୁ ନିଶ୍ଚିତଭାବେ ଆସନ୍ତୁ । ଆପଣ ସ:ଆ:ସ ଉଠିଲେ ଓ ଆପଣଙ୍କ ସହିତ ହଜରତ ସାଆଦ୍ ବିନ୍ ଉବାଦା ର:ଅ, ହଜରତ ମୁଆଜ୍ ବିନ୍ ଜବଲ୍ ର:ଅ, ହଜରତ ଅବିବିନ୍ କାଆବ୍ ର:ଅ, ହଜରତ ଜଏଦ୍ ବିନ୍ ସାବିତ୍ ର:ଅ ଏବଂ ଅନେକ ଲୋକେ ସେତେବେଳେ ନବି କରିମ୍ ସ:ଆ:ସଙ୍କ ନିକଟରେ ବସିଥିଲେ । ଯେତେବେଳେ ଆପଣ ସ:ଆ:ସ ସେଠାରେ ପହଂଚିଲେ ସେତେବେଳେ ପିଲାଟିକୁ ଉଠାଇ ଅଣାଗଲା ଏବଂ ପିଲାଟି ସେ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରୁଥିଲା ଏବଂ ଏହିପରି ତା ନିକଟରୁ ଶେଷ ସମୟର ଶବ୍ଦ ବାହାରୁଥିଲା । ଉସ୍‌ମାନ ର:ଅ କହୁଥିଲେ ଯେ, ମୋ ମତରେ ଉସାମାଃ ର:ଅ ଏକଥା କହିଛନ୍ତି ଯେ, ଯେଉଁଭଳି ପୁରୁଣା ମଶ୍‌କ (ହାଣ୍ଡି) ଠଣା ମାଇଲେ ଶବ୍ଦ ବାହାରିଥାଏ ଅର୍ଥାତ ଏପରି ଶବ୍ଦ ଆସୁଥିଲା କି, ସେ ଦୀର୍ଘନିଶ୍ୱାସ ମାରୁଥିଲା । ପିଲାଟିର ଏପରି ଅବସ୍ଥାକୁ ଦେଖି ଆଁ ହଜରତ ସ:ଆ:ସଙ୍କ ଅଶ୍ରୁ ବହିବାକୁ ଲାଗିଲା । ହଜରତ ସାଆଦ୍ ର:ଅ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ଏହା କ'ଣ ! ଆପଣ ସ:ଆ:ସ ଉତର ଦେଲେ ଏହା ହେଉଛି କରୁଣା ଯାହାକୁ ଅଲ୍ଲାଃ ତାଲା ନିଜ ଭକ୍ତମାନଙ୍କ ହୃଦୟରେ ସୃଷ୍ଟି କରିଛନ୍ତି ଏବା ଅଲ୍ଲାଃ ମଧ୍ୟ ନିଜ ଭକ୍ତମାନଙ୍କ ମଧ୍ୟରୁ ତାହାଙ୍କ ଉପରେ କୃପା କରିଥାଏ ଯେଉଁମାନେ ଅନ୍ୟମାନଙ୍କ ସହିତ ଦୟା ଆଚରଣ କରିଥାନ୍ତି । *(ସହି ବୁଖାରୀ କିତାବୁଲ୍ ଯନାଏଜ୍......... ହଦୀସ୍ ୧୨୮୪)* ଏହା କୌଣସି ଭାବବିହ୍ୱଳ ଅବସ୍ଥା ଓ ତାହା କେବଳ ଅଲ୍ଲାଃ ତାଲାଙ୍କ କୃପାରୁ ହୋଇଥାଏ ।

ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ହଜରତ ସାଆଦ୍ ବିନ୍ ଉବାଦା ର:ଅଙ୍କୁ କୌଣସି ବିମାରୀ ହୋଇଗଲା ତେଣୁ ରସୁଲୁଲ୍ଲାଃ ସ:ଆ:ସ ହଜରତ ଅବଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ହଜରତ ସାଆଦ୍ ବିନ୍ ଅବି ୱକାସ୍ ର:ଅ ଏବଂ ହଜରତ ଅବଦୁଲ୍ଲାଃ ବିନ ମସ୍‌ଉଦ୍ ଏହି ସମସ୍ତ ଲୋକଙ୍କୁ ନିଜ ସହିତ ନେଇ ତାଙ୍କ ଦେଖିବାପାଇଁ ଗଲେ ଯେତେବେଳେ ତାଙ୍କ ନିକଟରେ ପହଂଚିଲେ ସେତେବେଳେ ଆପଣ ତାଙ୍କ ଘରେ ଲୋକ ଗହଳି ଦେଖିଲେ ଆପଣ ସ:ଆ:ସ କହିଲେ କ'ଣ ତାଙ୍କର ଦେହାନ୍ତ ହୋଇଯାଇଛି ? ଲୋକମାନେ ବେମାର ଯୋଗୁଁ ଏକାଠି ହୋଇଥିଲେ କାରଣ ବହୁତ ଭୟଙ୍କର ରୋଗ ଥିଲା । ଘରର ଲୋକମାନେ ଚତୁପାର୍ଶ୍ୱରେ ଘେରି ରହିଥିଲେ । ନୁହେଁ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ସେ ମରିନାହାନ୍ତି । ସେ ଯାହା ହେଉ ନବି କରିମ୍ ସ:ଆ:ସ ତାଙ୍କ ନିକଟକୁ ଗଲେ ତାଙ୍କର ଅବସ୍ଥାକୁ ଦେଖି ଆପଣ ସ:ଆ:ସ କାନ୍ଦି ପକାଇଲେ । ଲୋକମାନେ ନବୀ କରିମ୍ ସ:ଆ:ସଙ୍କୁ କାନ୍ଦିବାର ଦେଖି ସେମାନେ ମଧ୍ୟ କାନ୍ଦି ପଡ଼ିଲେ । ପୁଣି ଆପଣ ସ:ଆ:ସ କହିଲେ ଯେ, ଦେଖ ଅଲ୍ଲାଃ ଆଖିରୁ ଅଶ୍ରୁ ବହିବା ଯୋଗୁଁ ଦଣ୍ଡ ଦିଅନ୍ତି ନାହିଁ । ଏବଂ ନା ହୃଦୟ ଦୁଃଖିତ ହେବା ଯୋଗୁଁ

ବରଂ ଏହାପାଇଁ ଦଣ୍ଡ ଦେବ ବା କରୁଣା କରିବ ଏବଂ ଆପଣ ସ:ଆ:ସ ନିଜ ଜିହ୍ୱା ପ୍ରତି ଇଙ୍ଗିତ କଲେ ଏବଂ ପୁଣି କହିଲେ ମରିଥିବା ଲୋକଙ୍କ ଉପରେ ତାଙ୍କ ଘରଲୋକଙ୍କ ବିଳାବ ଯୋଗୁଁ ଦଣ୍ଡ ମିଳିଥାଏ । *(ସହି ବୁଖାରୀ କିତାବୁଲ୍ ଯନାଇଜ୍...... ହଦିସ୍ ୧୩୦୪)*

ବିଳାପ କରିବା ହେଉଛି ଭୁଲ୍ ସେତେବେଳେ ହୋଇପାରେ ଯେ, ତାଙ୍କର ଏପରି ଅବସ୍ଥାକୁ ଦେଖି ଆପଣ ସ:ଆ:ସଙ୍କ ମନ ଭିତରେ ପ୍ରାର୍ଥନା ସୃଷ୍ଟି ହୋଇଯାଇଥିବ ତେଣୁ ଆପଣ ସ:ଆ:ସ କାନ୍ଦି ପକାଇଥିବେ । କିନ୍ତୁ ବାକି ଲୋକମାନେ ଏକଥା ଭାବି ନେଇଥିବେ ଯେ, ବୋଧ ହୁଏ ତାଙ୍କର ଶେଷ ସମୟ ଆସିଯାଇଛି ସେଥିଯୋଗୁଁ କାନ୍ଦି ପକାଇଲେ । ଏଥିରେ ଆଁ ହଜରତ ସ:ଆ:ସ ସେମାନଙ୍କ ବୁଝାଇଲେ ଯେ, କାନ୍ଦିବା ମନା ନାହିଁ କିନ୍ତୁ ଖରାପ କଥା ମନା ଅଟେ । ଅର୍ଥାତ ମନୁଷ୍ୟ ଅଲ୍ଲାଃ ତାଲାଙ୍କ କଜା ଓ୍ୱ କଦର୍ ପ୍ରକାଶ ହେବାରେ ନାରାଜ ହୋଇଯାଏ ତେଣୁ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ଚାହିଁ ଅଶ୍ରୁ ବାହାରୁ ତେବେ ତା'ର କରୁଣା ପ୍ରାପ୍ତ ହୋଇଥାଏ ନଚେତ ଯଦି ଖରାପ ଭାବି ତାହା ବାହାରେ ଏବଂ ତା' ଉପରେ ବିଳାପ କରାଯାଏ ତାହା ହେଲେ ଏହାର ଦଣ୍ଡ ମିଳିଥାଏ । ସେ ଯାହା ହେଉ ସେ ସେତେବେଳେ ମୃତ୍ୟୁବରଣ କରିନଥିଲେ ଯେବେ କି, ସେ ଭୀଷଣ ବେମାର ପଡ଼ିଥିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ କହୁଛନ୍ତି ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ଥିଲୁ ଯେ, ଅନ୍‌ସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆପଣ ସ:ଆ:ସଙ୍କ ନିକଟକୁ ଆସିଲେ, ସେ ଆପଣ ସ:ଆ:ସଙ୍କୁ ସଲାମ୍ କଲେ ପୁଣି ସେହି ଅନ୍‌ସାରୀ ଜଣକ ପଛକୁ ବୁଲି ପଡ଼ିଲେ ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଅନ୍‌ସାର ଭାଇମାନେ ! ମୋ ଭାଇ ସାଆଦ୍ ବିନ୍ ଉବାଦାଃଙ୍କ ଅବସ୍ଥା କିପରି ଅଛି ? ସେ କହିଲେ ଠିକ୍ ଅଛି ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ତୁମମାନଙ୍କ ମଧ୍ୟରୁ କିଏ ଅଛି ଯିଏ ତାଙ୍କର ଇଆଦତ୍ କରିବ (ଅର୍ଥାତ ରୋଗୀକୁ ସାନ୍ତ୍ୱନା ଦେବାକୁ ଯିବ) ଆପଣ ସ:ଆ:ସ ଉଠିଲେ ଏବଂ ଆମେ ଅପାଣ ସ:ଆ:ସଙ୍କ ସହିତ ଛିଡ଼ା ହୋଇଗଲୁ । ଏବଂ ଆମେ ୧୦ଜଣରୁ କିଛି ଅଧିକ ଲୋକ ଥିଲୁ, ଆମେ ନା' ତ ଜୋତା ପିନ୍ଧିଥିଲୁ ନା ଜୋତା ନା ଆମ ମୁଣ୍ଡ ଉପରେ ଟୋପିଥିଲା ନା ଶରୀରରେ ଜାମା ଅର୍ଥାତ ବହୁତ ଶିଘ୍ରଶିଘ୍ର ଆମେ ଆପଣଙ୍କ ସହିତ ଚାଲିଲୁ, ସେ କହୁଛନ୍ତି ଯେ, ଆମେ ଭୁଇଁ ଉପରେ ଏପରି ଚାଲୁଥିଲୁ ଯେପରି କି, ଆମେ ସାଆଦ୍ ବିନ୍ ଉବାଦାଙ୍କ ନିକଟରେ ପହଂଚିଗଲୁ । ସବୁ ଲୋକମାନେ ତାଙ୍କ ଚାରିପାଖେ ଘେରି ଏକାଠି ହୋଇଯାଇଥିଲେ । ସେମାନେ ସମସ୍ତେ ପଛକୁ ହଟିଗଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ଏବଂ ଆପଣଙ୍କ ସହିତ ଆସିଥିବା ସାହାବାମାନେ ତାଙ୍କ ନିକଟକୁ ଆସିଗଲେ । ସହି ମୁସ୍‌ଲିମ୍ ର ଏହା ହେଉଛି ରିୱାୟତ । ସେହି ପ୍ରଥମ ଘଟଣା ସମ୍ବନ୍ଧରେ ଏହି ରିୱାୟତରେ ଚର୍ଚ୍ଚା କରାଯାଇଛି । *(ସହି ମୁସ୍‌ଲିମ୍ କିତାବୁଲ୍ ଯନାଇଜ୍....... ୨୧୩୮)* ।

ହଜରତ ଯାବିର୍ ବିନ୍ ଅବଦୁଲ୍ଲାଃ ବିନ୍ ଅମ୍‌ରୋ ବିନ୍ ହାରାମ୍ ର:ଅ ବର୍ଣ୍ଣର୍ନା କରୁଛନ୍ତି ଯେ, ମୋ ବାପା ମତେ ହରିରା ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦେଲେ । ମୁଁ ହରିରା ପ୍ରସ୍ତୁତ କଲି । ହରିରା ହେଉଛି ଏକ ପ୍ରକାର ପ୍ରସିଦ୍ଧ ଖାଦ୍ୟ ଯାହା ଅଟା, ଘିଅ ଏବଂ ପାଣି ସାହାଯ୍ୟରେ ତିଆରି ହୋଇଥାଏ । ବରଂ (କେତେକ ଏକଥା କହୁଛନ୍ତି ଯେ, ତାହା ଅଟା ଏବଂ କ୍ଷୀର ଦ୍ୱାରା ତିଆରି ହୋଇଥାଏ) । ହଜୁର ଅନଓ୍ୱର କହୁଛନ୍ତି ସେ ଯାହା ହେଉ ଏମାନେ ହଦିସର ଶବ୍ଦକୋଷରୁ ଯେଉଁ ଅର୍ଥ ବାହାର କରିଛନ୍ତି । ତା ମୁତାବକ ସେ ହରିରାକୁ ନେଇ ରସୁଲେ କରିମ୍ ସ:ଆ:ସଙ୍କ ସେବାରେ ହାଜର ହେଲେ । ନବୀ କରିମ୍ ସ:ଆ:ସ ସେତେବେଳେ ଘରେ ଥିଲେ ଏଥିରେ ଆପଣ ସ:ଆ:ସ କହିଲେ ହେ ଜାବିର୍ ! କ'ଣ ଏହା ମାଂସ ଅଟେ ? ମୁଁ କହିଲି ନୁହେଁ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏହା ହେଉଛି ହରିରା ଯାହାକୁ ମୁଁ ମୋ ବାପାଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରସ୍ତୁତ କରିଛି ପୁଣି ସେ ମତେ ନିର୍ଦ୍ଦେଶ ଦେବାରୁ ମୁଁ ଆପଣଙ୍କ ସେବାରେ ଆଣି ଉପସ୍ଥିତ ହୋଇଛି । ତାହାପରେ ମୁଁ ମୋ ବାପାଙ୍କ ନିକଟକୁ ଚାଲିଆସିଲି । ମୋ ବାପା କହିଲେ କ'ଣ ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖିଲ ମୁଁ କହିଲି ହଁ ତା'ପରେ ମୋ ବାପା ପଚାରିଲେ ରସୁଲୁଲ୍ଲାଃ ସ:ଆ:ସ ତୁମକୁ କ'ଣ କହିଲେ ? ମୁଁ କହିଲି ଯେ ରସୁଲୁଲ୍ଲାଃ ସ:ଆ:ସ ମତେ ପଚାରିଲେ ହେ ଜାବିର୍ କ'ଣ ଏହା ମାଂସ ଅଟେ? ମୋ ବାପା ଏକଥା ଶୁଣି କହିଲେ ବୋଧ ହୁଏ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମାଂସ ଖାଇବାକୁ ଇଚ୍ଛା ହେଉଥିବ । ତେଣୁ ମୋ ବାପା ଗୋଟିଏ ଛେଳିକୁ ଜେଭ୍ କଲେ । ତା'ର ମାଂସକୁ ପ୍ରସ୍ତୁତ କଲେ ଓ ମତେ ନିର୍ଦ୍ଦେଶ ଦେଲେ ଯେ, ଏହାକୁ ନେଇ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଦେଇ ଆସ । ହଜରତ ଜାବିର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ସେହି ପ୍ରସ୍ତୁତ ହେଇଥିବା ରନ୍ଧା ଛେଳିଟିକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ଉପସ୍ଥାପନ କଲି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଅଲ୍ଲାଃ ତାଲା ଅନ୍‌ସାରଙ୍କୁ ଆମ ତରଫରୁ ପୂଣ୍ୟ ପୁରସ୍କାର ପ୍ରଦାନ କରନ୍ତୁ । ବିଶେଷ ରୂପେ ଅବଦୁଲ୍ଲାଃ ବିନ୍ ଅମ୍‌ରୋ ବିନ୍ ହାରାମ୍ ଏବଂ ସାଆଦ୍ ବିନ୍ ଉବାଦାଙ୍କୁ । *(ଅଲ୍‌ମୁସ୍‌ତଦରକ୍ ଅଲସ୍ ସହିହିନ୍ ଖଣ୍ଡ-୫, ପୃ-୩୯ ରୁ ୪୦..... ଦାରୁଲ୍ ଫିକର୍ ୨୦୦୧) (ଫତ୍‌ହୁଲ୍ ବାରି..... ଖଣ୍ଡ-୯, ପୃ-୪୭୮ ମୁଦ୍ରଣ କଦିମି କୁତୁବ୍‌ଖାନା କରାଚୀ) (ଜାହାଙ୍ଗିର୍ ଉର୍ଦ୍ଦୁ ଲୁଗତ୍ ପୃ-୬୪୯ ମୁଦ୍ରଣ ଜାହାଙ୍ଗିର୍ ବୁକ୍‌ସ ଲାହୋର୍) (London 1865 539: PLexicon Part-2* ।

ହଜରତ ଅବୁ ଉସୈଦ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ନବି କରିମ୍ ସ:ଆ:ସ କହିଛନ୍ତି କି, ଅନ୍‌ସାରମାନଙ୍କ ଘରଗୁଡ଼ିକ ମଧ୍ୟରେ ସର୍ବୋତମ ଘର ହେଉଛି ବନୁ ନଜାର୍ ପୁଣି ବନୁ ଅବ୍‌ଦ ଅସ୍‌ହଲ୍ ପୁଣି ବନୁ ହାରିସ୍ ବିନ୍ ଖଜ୍‌ରଜ୍ ପୁଣି ସାଇଦା ଏବଂ ଅନ୍‌ସାରଙ୍କ ସମସ୍ତ ଘର ଭଲ । ଏକଥା ଶୁଣି ହଜରତ ସାଆଦ୍ ବିନ୍ ଉବାଦା ର:ଅ କହିଲେ ମୁଁ ଭାବୁଛି ଯେ, ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଆମଠାରୁ ଉତମବୋଲି ଅଭିହିତ କରିଛନ୍ତି ଏବଂ ସେ ଇସ୍‌ଲାମ୍‌ରେ ଉଚ୍ଚ ପଦମର୍ଯ୍ୟାଦା ରଖିଥିଲେ ଏହା ସହି ବୁଖାରୀର ହଦିସ୍ ଅଟେ । ଏଥିରେ ତାଙ୍କୁ କୁହାଗଲା ଯେ, ଆଁ ହଜରତ ସ:ଆ:ସ ଆପଣଙ୍କୁ ମଧ୍ୟ ବହୁତ ଲୋକମାନଙ୍କ ଉପରେ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି । *(ସହି ବୁଖାରୀ କୁତାବ୍ ମନାକିବେ ଅଲ୍ ଅନ୍‌ସାର୍....... ସାଆଦ୍ ବିନ୍ ଉବାଦା ହଦିସ୍ ୩୮୦୭)*

ହଜରତ ଅବୁ ଉସୈଦ୍ ଅନ୍‌ସାରୀ ର:ଅ ସାକ୍ଷୀ ଦେଉଅଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି କି, ଅନ୍‌ସାରମାନଙ୍କର ମଧ୍ୟରେ ସର୍ବୋତମ ଘର ହେଉଛି ବନୁ ନଜାର୍,ପୁଣି ବନୁ ଅବ୍‌ଦ ଅସ୍‌ହଲ୍ ପୁଣି ବନୁ ହାରିସ୍ ବିନ୍ ଖଜ୍‌ରଜ୍ ପୁଣି ସାଇଦା ଏବଂ ଅନ୍‌ସାରଙ୍କ ସମସ୍ତ ଘର ଭଲ । ରାୱି ଅବୁ ସଲ୍‌ମା କହୁଛନ୍ତି ଯେ, ହଜରତ ଅବୁ ଉସୈଦ୍ ର:ଅ କହିଲେ ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଏହି ରିୱାୟତ ବର୍ଣ୍ଣନା କରିବାଯୋଗୁଁ ମୋ ଉପରେ ଅଭିଯୋଗ କରାଯାଉଛି । ଯଦି ମୁଁ ଭୁଲ୍ କଥା କହିଥାନ୍ତି ଏବଂ ନିଶ୍ଚିତରୂପେ ନିଜ କୌମ୍ ବନୁ ସାଆଦ୍‌ରୁ ହିଁ ଆରମ୍ଭ କରିଥାନ୍ତି । ଏକଥା ଯେତେବେଳେ ହଜରତ ସାଆଦ୍ ବିନ୍ ଉବାଦା ର:ଅଙ୍କ ନିକଟରେ ପହଚଁିଲା ତାଙ୍କୁ ବହୁତ ଦୁଃଖ ଲାଗିଲା । ପ୍ରଥମେ ଯେଉଁ ରିୱାୟତ ଥିଲା ସେଥିରେ ମଧ୍ୟ ତାଙ୍କର ମନୋଭବା ଏହା ଥିଲା ଯେ, ଆମକୁ ପଛକୁ କରିଦିଆ ଯାଇଅଛି । ଏପରି କି ଆମେ ଚାରି ମଧ୍ୟରୁ ଶେଷରେ ହୋଇଯାଇଛୁ । ସାଆଦ୍ ବିନ୍ ଉବାଦାଃ ର:ଅ କହିଲେ ଯେ, ମୋ ପାଇଁ ମୋ ଗଧକୁ ପ୍ରସ୍ତୁତ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

କରିବାର ସାମାନ୍ ଅଛି ତାହା ସୃଷ୍ଟି କରନ୍ତୁ ଓ ଏଥିପାଇଁ ଯମାତ୍ ଏ ପରାମର୍ଶ ରଖିଛି ଯେ, ଯଦି ଏଠାକୁ କୌଣସି ଶରଣାର୍ଥୀ ଆସୁଛନ୍ତି ଓ ଏଠାରେ କୌଣସି ପ୍ରକାରର କାର୍ଯ୍ୟ ପାଇଁ ଯମାତ୍ ଅହେମଦୀୟାର ସେବାର ଆବଶ୍ୟକତା ପଡ଼େ ତେବେ ଆମେ ପ୍ରତିକ୍ଷେତ୍ରରୁ ନିଜର ସେବା ଦେବାପାଇଁ ପ୍ରସ୍ତୁତ ଅଛୁ ଓ ଅଲ୍ଲାଃ ତାଲାଙ୍କ ପ୍ରାଣୀଙ୍କୁ ଲାଭ ପହଂଚାଇବା ପାଇଁ ଯାହା କିଛି କାର୍ଯ୍ୟକ୍ରମ ଏଠିକାର ସରକାର, ମେୟର ବା ସ୍ଥାନୀୟ କାଉନଂସିଲ୍ ତିଆରି କରିବେ ଏଥିରେ ଆମେ ସହଯୋଗ କରିବୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏଠାରେ ଏକଥା ବତାଯାଇଛି ଯେ, ଏଠାରେ ରହୁଥିବା ଜଣେ ଲୋକଙ୍କର ଘର ଅଛି । ଘର କ'ଣ ପାଇଁ ତିଆରି କରାଯାଏ ? ଏଥିପାଇଁ ଯେ, ତାକୁ ଏକପ୍ରକାର ସୁରକ୍ଷା ମିଳୁ ଋତୁ ରୁ ମଧ୍ୟ ସୁରକ୍ଷା ମିଳୁ ଏହିପରି ପରିବେଶର ଯେଉଁ କୁପ୍ରଭାବ ରହିଛି ସେଥିରୁ ମଧ୍ୟ ସୁରକ୍ଷା ମିଳୁ । ଯଦି ପରିବେଶ ଠିକ୍ ମଧ୍ୟ ଥିବ ଏହା ସତ୍ୱେ ମଧ୍ୟ କେତେକ ଜିନିଷ ଏପରି ଅଛନ୍ତି ଯାହା କୌଣସି ନା କୌଣସି ପ୍ରକାରେ କ୍ଷତି ପହଂଚାଇପାରେ । ଉଦାହରଣ ସ୍ୱରୁପ ହିଂସ୍ରଜନ୍ତୁ ଓ ଅନ୍ୟାନ୍ୟ ବସ୍ତୁ ଅଛନ୍ତି ତାଙ୍କଠାରୁ ମନୁଷ୍ୟକୁ କ୍ଷତି ପହଂଚିଥାଏ । ସେଥିଯୋଗୁଁ ମନୁଷ୍ୟ ସୁରକ୍ଷିତ ଭାବେ ରହିବା ପାଇଁ ଗୋଟିଏ ଘର ତିଆରି କରିଥାଏ ଓ ସବୁଠାରୁ ବଳି ଗୋଟିଏ ଘରେ ସ୍ୱାମି ସ୍ତ୍ରୀ ଓ ପିଲାମାନେ ରହି ଗୋଟିଏ କୁଟୁମ୍ବଭାବେ ଏକତ୍ରିତ ହୋଇ ନିଜ ପାଇଁ ଏକ ଶାନ୍ତିର ସ୍ଥାନ ସୃଷ୍ଟି କରିଥାଏ । ପ୍ରେମ ଓ ଶାନ୍ତିରେ ରହିବାପାଇଁ ସୁଯୋଗ ସୃଷ୍ଟି କରିଥାଏ । ଘର ଏ କଥାର ସନ୍ତକ ହୋଇଥାଏ ଯେ, ଏଠାରେ ରହୁଥିବା ଲୋକ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ରହିଥାଏ । ସୁତରାଂ ଏହିପରି ଯେତେବେଳେ ଆମେ ଖୁଦାଙ୍କ ଘର ବନାଇଥାଉ ତାହା ମଧ୍ୟ ଏଥିପାଇଁ ହୋଇଥାଏ ଯେ, ଏହା ହେଉଛି ଅଲ୍ଲାଃ ତାଲାଙ୍କ ନାମରେ ନିର୍ମାଣ ହୋଇଥିବା ଘର ଯେଉଁଠାରେ ଆମେ ଅଲ୍ଲାଃ ତାଲାଙ୍କ ଉପାସନା ପାଇଁ ଏକାଠି ହୋଇଥାଉ ଓ ଏଥିଯୋଗୁଁ ଏକାଠି ହୋଇଥାଉ ଯେ, ଆମେ ଶାନ୍ତି ଓ ସ୍ଥିର ଜୀବନ ନିର୍ବାହ କରିପାରୁ ଓ ଆପୋଷରେ ମଧ୍ୟ ଶାନ୍ତି ଓ ସୌହାର୍ଦ୍ଦ୍ୟରେ ରହିପାରୁ ଏହି ଘରକୁ ଆସୁଥିବା ଲୋକମାନେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଖୁଦାତାଲାଙ୍କ ଉପାସନା କରୁଛନ୍ତି । ମୁସଲମାନ ଅଟନ୍ତି ଯେତେବେଳେ ସେମାନେ ମସ୍‌ଜିଦ୍‌କୁ ଆସୁଛନ୍ତି ସେତେବେଳେ ସେମାନେ ଶାନ୍ତିର ସହିତ ରହିବା ଉଚିତ ଓ ଏହି ଶାନ୍ତି ଓ ସୁରକ୍ଷା ଅନ୍ୟମାନଙ୍କୁ ମଧ୍ୟ ଯୋଗାଇ ଦେବା ଉଚିତ ଏପରି ହୋଇନପାରେ ଯେ, ଗୋଟିଏ ସହରରେ ରହୁଥିବା ଓ ଗୋଟିଏ ମହଲ ଭିତରେ ରହୁଥିବା ଲୋକମାନେ ଯେତେବେଳେ ଘର ବନାନ୍ତି ସେମାନେ ନିଜ ପାଇଁ ତ ଏ ଆଶା ରଖିଥାନ୍ତି ଯେ, ଆମକୁ ଏ ଘରୁ ସବୁପ୍ରକାରର ସୁରକ୍ଷା ମଧ୍ୟ ମିଳୁ, ଶାନ୍ତି ମଧ୍ୟ ମିଳୁ ଓ ଆପୋଷରେ ଆମେ ଶାନ୍ତିରେ ମଧ୍ୟ ବସବାସ କରୁ ଓ ପ୍ରତ୍ୟେକ ପ୍ରକାରର ସୁରକ୍ଷାକୁ ମଧ୍ୟ ଚାହିଁଥାଉ କିନ୍ତୁ ଆମର ଯେଉଁ ପଡ଼ୋଶୀ ଅଛନ୍ତି, ଅନ୍ୟ ଲୋକମାନେ ଅଛନ୍ତି ଆମେ ସେମାନଙ୍କର ଶାନ୍ତି ନଷ୍ଟ କରିବା ଓ ସେମାନଙ୍କୁ ପ୍ରତ୍ୟେକ ପ୍ରକାର କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରିବା । ଏହାକୁ କୌଣସି ସମାଜରେ ମଧ୍ୟ ସହ୍ୟ କରାଯାଇପାରେ ନାହିଁ । ଯଦି ଏପରି ହୁଏ ତେବେ ତତ୍‌କ୍ଷଣାତ ଯେଉଁ ଭଦ୍ର ପଡ଼ୋଶୀମାନେ ଅଛନ୍ତି ସେମାନେ ଏକାଠି ହୋଇ ଏପରି ଭୁଲ୍ କାମ କରୁଥିବା ଲୋକଙ୍କୁ ସେହି ଘରୁ ବାହାର କରିଦେବେ ନିଜ ମହଲରୁ ବାହାର କରିଦେବେ । ବରଂ ନିଜର ଏ ସହରରୁ ବାହାର କରିଦେବେ । ତେଣୁ ଯେତେବେଳେ ଯମାତ୍ ଅହେମଦୀୟା ମସ୍‌ଜିଦ୍ ବନାଇଥାଏ ସେ ଏ ମନୋଭାବ ରଖି ବନାଇଥାଏ ଯେ, ଆମେ ନିଜର ପଡ଼ୋଶୀମାନଙ୍କ ଅଧିକାରକୁ ପ୍ରଦାନ କରିବାକୁ ହେବ ଯେଉଁ ପ୍ରକାରର ସୁରକ୍ଷା ଆମେ ନିଜ ପାଇଁ ଚାହୁଁଅଛେ ଓ ଯେଉଁ ପ୍ରକାରର ଶାନ୍ତି ଓ ସୌହାର୍ଦ୍ଦ୍ୟ ଆମେ ନିଜ ପାଇଁ ଇଚ୍ଛା କରୁଅଛେ । ସେହି ପ୍ରକାରର ଶାନ୍ତି ଓ ସୁରକ୍ଷା ଆମେ ଆମ ପରିବେଶକୁ ମଧ୍ୟ ଯୋଗାଇ ଦେବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସୁତରାଂ ଯେଉଁ ମସ୍‌ଜିଦ୍‌ଟି ଇନ୍‌ଶାଅଲ୍ଲାଃତାଲା ନିର୍ମାଣ ହେଉଅଛି ଏହା ଏପରି ମନୋଭାବ ସହିତ ହେଉଅଛି ଯେ, ଏକାଠି ହୋଇ ଯେଉଁଠି ଅଲ୍ଲାଃ ତାଲାଙ୍କ ହକ୍‌କୁ ପ୍ରଦାନ କରିବାପାଇଁ ଏହା ଏକ ଉପାସନା ପୀଠ ହେବ ଓ ଏକତ୍ରୀତ ହୋଇ ଖୁଦାତାଲାଙ୍କ ସମ୍ମୁଖରେ ନତମସ୍ତକ ହେବାର ସ୍ଥାନ ହେବ ସେଠାରେ ଏହା ଅଲ୍ଲାଃଙ୍କ ପ୍ରାଣୀ ଜଗତର ଅଧିକାରକୁ ମଧ୍ୟ ପ୍ରଦାନ କରିବାବାଲା ମଧ୍ୟ ହେବ ନିଜ ପଡ଼ୋଶୀମାନଙ୍କ ଅଧିକାରକୁ ପ୍ରଦାନକାରୀ ହେବ । ପଡ଼ୋଶୀମାନଙ୍କ ଅଧିକାର ସମ୍ବନ୍ଧରେ ଇସ୍‌ଲାମ୍‌ରେ ଏତେମାତ୍ରାରେ ଶିକ୍ଷା ରହିଛି ଯେ, ଇସ୍‌ଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃ ତାଲା ପଡ଼ୋଶୀମାନଙ୍କ ଅଧିକାର ସମ୍ବନ୍ଧରେ ଏତେ ମାତ୍ରାରେ ତାଗିଦ୍ କରିଛନ୍ତି ଓ ପବିତ୍ର କୋରାନ୍‌ରେ ମଧ୍ୟ ଏହାର ଶିକ୍ଷା ଦେଇଛନ୍ତି । ସାହାବାମାନଙ୍କୁ ଆଁ ହଜରତ ସ:ଆ:ସ ଏଭଳି ଉପଦେଶ ଦେଉଥିଲେ ଯେ, କେତେକ ସାହାବା ଏକଥା ବୁଝିନେଲେ କି, କାଳେ ଆମ ପୈତୃକ ସମ୍ପତିରେ ମଧ୍ୟ ପଡ଼ୋଶୀମାନେ ସାମିଲ ହୋଇଯିବେ । ପଡ଼ୋଶୀମାନଙ୍କର ଯେଉଁ ଅଧିକାର ରହିଛି ତାହାକୁ ଇସ୍‌ଲାମ ପ୍ରତିଷ୍ଠା କରିଛି ଓ ଏ ଅଧିକାର ଏପରି ସ୍ଥଳେ ପ୍ରତିଷ୍ଠା ହୋଇପାରିବ ଯେତେବେଳେ ନିଜନିଜର ପରିବେଶ ମଧ୍ୟରେ ମଣିଷ ଶାନ୍ତି ଓ ସ୍ଥିରତାର ସହିତ ରହିବ ଓ ଶାନ୍ତି ଓ ସୌହାର୍ଦ୍ଦ୍ୟ ନିଜ ପଡ଼ୋଶୀମାନଙ୍କୁ ମଧ୍ୟ ଯୋଗାଇ ଦେବ । ସୁତରାଂ ଯମାତ୍ ଅହେମଦୀୟାର ମସ୍‌ଜିଦ୍ ଏହିଭଳି ମନୋଭାବ ପୋଷଣ କରି ନିର୍ମାଣ କରାଯାଇଥାଏ । ଏବଂ ମୁଁ ଆଶା ରଖୁଛି ଯେ, ଇନ୍‌ଶଅଲ୍ଲାଃ ତାଲା ଯେତେବେଳେ ଏହି ମସ୍‌ଜିଦ୍‌ଟି ନିର୍ମାଣ ହୋଇଯିବ ସେତେବେଳେ ଏହାର ସୌନ୍ଦର୍ଯ୍ୟ ଓ ଯମାତ୍‌ର ସଦସ୍ୟମାନଙ୍କର ସୌନ୍ଦର୍ଯ୍ୟ, ସେମାନଙ୍କ ସେବା ମନୋଭାବ ଓ ସେମାନଙ୍କର ଶାନ୍ତି, ପ୍ରେମ ଓ ଭଲପାଇବାର ବାର୍ତା ଏଠାରେ ପୂର୍ବଠାରୁ ଅଧିକ ପ୍ରଚାର ପ୍ରସାର ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ଏହି ସହରର ସୌନ୍ଦର୍ଯ୍ୟକୁ ଏଠାକୁ ଆସିବା ସମୟରେ ଦେଖିସାରିଛି ଛୋଟିଆ ସହରଟିଏ ସଫା ସୁତୁରା ଓ ଯେଉଁଭଳି ସୁନ୍ଦର ସେହିଭଳି ଏଠିକାର ଲୋକମାନେ ମଧ୍ୟ ସୁନ୍ଦର ଅଟନ୍ତି । ଏଠାରେ ବର୍ତମାନ ବହୁ ସଂଖ୍ୟାରେ ଆପଣମାନଙ୍କ ଉପସ୍ଥିତି ଏକଥାକୁ ପ୍ରକାଶ କରୁଛି ଯେ, ଆପଣଙ୍କ ମଧ୍ୟରେ ବହୁତ ବିଶାଳ ହୃଦୟ ରହିଛି ଆପଣ ମାନେ ଏଠାରେ ବାହାରୁ ଆସିଥିବା ଅହେମଦୀମାନଙ୍କୁ ଆଲିଙ୍ଗନ କରିଛନ୍ତି । ଯଦି ସେମାନେ ଆପଣଙ୍କ ଆଡ଼କୁ ପାଦ ବଢ଼ାଇଛନ୍ତି ତେବେ ଆପଣମାନେ ମଧ୍ୟ ତାଙ୍କଠାରୁ ବଳି ଅଧିକା ପାଦ ବଢ଼ାଇଛନ୍ତି । ଯଦି ଆପଣମାନେ ନ ଚାହିଁଥାନ୍ତେ ତେବେ ବାହାରୁ ଆସିଥିବା ଏହି ଅହେମଦୀମାନେ ଯେଉଁମାନେ ଏଠାରେ ବସବାସ କରୁଛନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ପାକିସ୍ତାନରୁ ଆସିଛନ୍ତି, ଏମାନେ କେବେ ହେଲେ ମଧ୍ୟ ଏହି ସହରରେ ରହିପାରିନଥାନ୍ତେ । ତେଣୁ ଏହା କେବଳ ଏଠାକୁ ଆସିଥିବା ଅହେମଦୀମାନଙ୍କ ସତ୍‌ସାହାସ ବା ସହିଷ୍ଣୁତା ଓ ନିଜକୁ ଏହି ପରିବେଶରେ ଖାପ ଖୁଆଇ ଚଳିବାପାଇଁ ସାମର୍ଥ୍ୟ ରଖିନାହାନ୍ତି ବରଂ ଏହା ଆପଣମାନଙ୍କ ସତ୍‌ସାହାସ ଓ ସହିଷ୍ଣୁତା ଅଟେ ଯେଉଁମାନେ ବିଭିନ୍ନ ଜାତିର ଲୋକମାନଙ୍କୁ ଭିନ୍ନ ଭିନ୍ନ ଧର୍ମର ଲୋକମାନଙ୍କୁ ଏଠାରେ ବରଦାସ୍ତ କରିଅଛନ୍ତି । ଓ ନିଜ ଭିତରେ ଆଲିଙ୍ଗନ କରିଛନ୍ତି ଏବଂ ନା କେବଳ ନିଜ ଭିତରେ ସେମାନଙ୍କୁ ମିଶାଇଛନ୍ତି ବରଂ ଏଭଳି ଭାବେ ମିଶାଇଛନ୍ତି ଯେ, ଆପଣମାନେ ଏକ ହୋଇଯାଇଛନ୍ତି ଓ ଏକ ହୋଇ ଏହି ସହରର ଉନ୍ନତି ସାଧନ ନିମନ୍ତେ ଓ ଏ ଦେଶର ଉନ୍ନତିପାଇଁ କାମ କରୁଛନ୍ତି । ଅତଃ ମୁଁ ଆଶା ରଖିଛି ଯେ, ଏହି ଚିନ୍ତାଧାରା ଇନ୍‌ଶଅଲ୍ଲାଃ ଆସନ୍ତାକୁ ମଧ୍ୟ ଜାରି ରହିବ ଏବଂ ଯେତେବେଳେ ମସ୍‌ଜିଦ୍ ତିଆରି ହୋଇଯିବ ସେତେବେଳେ ଆପଣମାନେ ଦେଖିବେ ଯେ, ପ୍ରେମଭାବ ପୂର୍ବପେକ୍ଷା ଅଧିକା ପ୍ରକାଶ ହେବ । ଯେମିତିକି ମୁଁ ପୂର୍ବରୁ ମଧ୍ୟ କହିସାରିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ କଥା ମୁଁ ଏଠାରେ ଆରମ୍ଭ କରିବାକୁ ଚାହୁଁଥିଲି ଓ ତାହା କହିପାରିଲିନାହିଁ । ମୁଁ ଗତ ଯାତ୍ରା ସମୟରେ ମଧ୍ୟ ଏଠି ଜର୍ମାନୀ ଆସିଛି ସେତେବେଳେ କେତେକ ମସ୍‌ଜିଦ୍‌ର ଭିତିପ୍ରସ୍ତର ବା ଉଦ୍‌ଘାଟନି ଉତ୍ସବର ପ୍ରୋଗ୍ରାମ ସଂଯୋଗ ବଶତଃ ମୋ ଯାତ୍ରା ସମୟରେ ରଖାଯାଇଥିଲା ଏବଂ ଯେତେବେଳେ ମଣିଷ ଯାତ୍ରା କରିଥାଏ ସେତେବେଳେ ବେଳେବେଳେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାରେ ବିଳମ୍ବ ହୋଇଯାଇଥାଏ । ଆଜି ମଧ୍ୟ ମୁଁ ଭାବିଥିଲି ଯେ, ଆମେ ଠିକ୍ ସମୟରେ ବାହାରିଛୁ ଓ ଠିକ୍ ସମୟରେ ପହଂଚିଯିବୁ କିନ୍ତୁ ରାସ୍ତାରେ ବର୍ଷା ଓ ସ୍ଲୋ ଟ୍ରାଫିକ୍ ଯୋଗୁଁ ଆମେ ଠିକ୍ ସମୟରେ ପହଂଚିପାରିଲୁ ନାହିଁ । ସେଥିଯୋଗୁଁ ମୁଁ କ୍ଷମା ମଧ୍ୟ ମାଗୁଛି ଆପଣମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଲା ଓ ଏପରି ଅପେକ୍ଷା କରିବା ଅତିକମ୍‌ରେ ଅଧଘଂଟାରୁ ନେଇ ଚାଳିଶି ମିନିଟ୍ ପର୍ଯ୍ୟନ୍ତ ବା ତା'ଠାରୁ ଅଧିକା ଅପେକ୍ଷା କରିବା ଏକଥାକୁ ପରିପ୍ରକାଶ କରୁଛି ଯେ, ଆପଣମାନଙ୍କ ମଧ୍ୟରେ ପ୍ରଥମତଃ ସତ୍‌ସାହାସ ରହିଛି ଦ୍ୱିତୀୟରେ ଆପଣମାନେ ଏଠାରେ ରହୁଥିବା ଅହେମଦୀମାନଙ୍କ ମନୋଭାବକୁ ସମ୍ମାନ ଜଣାଇଛନ୍ତି । ଏମାନଙ୍କର ମନୋଭାବକୁ ବୁଝି ଆପଣମାନେ ଏହା ଅନୁଭବ କଲେ ଯେ, ଏଠାରେ ବସି ରହିବେ ଏବଂ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । କାରଣ କେତେକ ଲୋକ ଏପରି ମଧ୍ୟ ଥିବେ ଯେଉଁମାନଙ୍କର କାମ, କାର୍ଯ୍ୟବ୍ୟସ୍ତତା ଥିବ ଏବଂ ଆପୋଏଂଟମେଂଟ ଥିବ କିନ୍ତୁ ଏହା ସତ୍ୱେ ମଧ୍ୟ ଏଠାରେ ଏତେ ସମୟ ବସି ରହିବା ଏହା ସବୁକିଛି ହେଉଛି ଆପଣମାନଙ୍କର ବିଶାଳ ହୃଦୟର ଲକ୍ଷଣ ଈଶ୍ୱର କରନ୍ତୁ ଯେ, ଏହି ସତ୍‌ସାହାସ ଆସନ୍ତାକୁ ମଧ୍ୟ କାଏମ୍ ରହୁ ଓ ଯମାତ୍‌ର ସଦସ୍ୟମାନେ ମଧ୍ୟ ଏଠାରେ ନିଜକୁ ସଠିକ୍ ରୂପେ ଉପସ୍ଥାପନ କରିପାରନ୍ତୁ । ନିଜର ନମୁନା ଉପସ୍ଥାପନ କରନ୍ତୁ ଓ ନିଜର ସେବାକୁ ପୂର୍ବଠାରୁ ବଳି ପେସ୍ କରିପାରନ୍ତୁ ଓ ଏହି ଭଲପାଇବାର ଯେଉଁ ସମୟ ଚାଲିଛି ଏହା ସର୍ବଦା ଚାଲିଥାଉ । ଯେବେ ଏ ମସ୍‌ଜିଦ୍ ନିର୍ମାଣ ହେଲା ସେତେବେଳେ ଏହି ସହରରେ ମୁସଲମାନମାନଙ୍କ ସମ୍ବନ୍ଧରେ କେତେକ ଲୋକଙ୍କ ଆଶଙ୍କା ଓ ସନ୍ଦେହ ଦୁର ହୋଇ ଏକ ନୂଆ ଓ ନୁତନ ମାର୍ଗ ଖୋଲିଯାଉ । ଏବଂ ପ୍ରତ୍ୟେକଙ୍କୁ ଏକଥା ଜଣାପଡ଼ିଯାଉ ଯେ, ଜଣେ ପ୍ରକୃତ ମୁସଲମାନ ଶାନ୍ତି, ପ୍ରେମ ଏବଂ ଭଲ ପାଇବା ବ୍ୟତିତ ଆଉ କିଛି କରିନଥାଏ । ଏହା ସହିତ ମୁଁ ମୋର ପୂର୍ଣ୍ଣ୍ୟ ଆଶାର ସହିତ ନିଜର କଥାକୁ ଶେଷ କରୁଅଛି ଏବଂ ପୁଣି ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଅଛି । ଧନ୍ୟବାଦ.

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅଭିଭାଷଣ ୨:୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଅଭିଭାଷଣ ପରେ ହଜୁର ଅନଓ୍ୱର ଅ:ବ:ଅ ସେହି ସ୍ଥାନକୁ ଚାଲିଗଲେ ଯେଉଁସ୍ଥାନରେ ମସ୍‌ଜିଦ୍ ସାଦିକ୍‌ର ଭିତିପ୍ରସ୍ତର ରଖାଯିବାର ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ଦୁଆ ସହିତ ମୂଳଦୁଆ ଇଟା ରଖିଲେ ତା'ପରେ ହଜରତ ବେଗମ୍ ସାହିବା ମଦଜିଲହଲ୍ ଆଲି ମସ୍‌ଜିଦ୍‌ର ମୂଳଦୁଆ ଇଟା ରଖିଲେ ପୁଣି ତା'ପରେ କ୍ରମାନୁସାରେ ନିମ୍ନଲିଖିତ ଯମାତି ଓ୍ୱହଦାଦାର୍‌ମାନଙ୍କୁ ଓ ଲୋକମାନଙ୍କୁ ଗୋଟିଏ ଗୋଟିଏ ଇଟା ରଖିବା ପାଇଁ ସୌଭାଗ୍ୟ ମିଳିଲା ।

୧. ମୁକରମ୍ ଅବଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ନ୍ୟାସନାଲ ଅମୀର ଯମାତ୍ ଅହେମଦୀୟା ଜର୍ମାନୀ ।
୨. ମେୟର୍ ଥୋମାସ୍ ବର୍ଲିଙ୍ଗ ସାହେବ୍ ।
୩. ଜିଲ୍ଲା ଡ଼େପୁଟି କମିଶନର୍ ହେଲିନା ହୁନ୍ ସାହିବା
୪. ଅବଦୁଲ୍ ମାଜିଦ୍ ତାହେର୍ ସାହେବ୍ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍
୫. ମୁକରମ୍ ହଇଦର୍ ଅଲୀ ଜଫର୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ
୬. ମୁକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ମାଲ୍
୭. ମୁକରମ୍ ମୁନୀର୍ ଅହେମଦ୍ ଜାଓ୍ୱେଦ୍ ସାହେବ୍, ପ୍ରାଇଭେଟ୍ ସେକେଟ୍ରାରୀ
୮. ମୁକରମ୍ ମୁସ୍‌ତନ୍‌ସର୍ ଅହେମଦ୍ ସାହେବ୍, ରିଜିଓନାଲ୍ ମୁବଲିଗ୍ ସିଲ୍‌ସିଲା

୯. ମୁକରମ୍ ଚୌଧୁରୀ ଇଫ୍ତେଖାର୍ ଅହେମଦ୍ ସାହେବ, ସଦର ମଜ୍ଲିସ୍ ଅନ୍ସାରୁଲ୍ଲାଃ ଜର୍ମାନୀ

୧୦. ମୁକରମ୍ ହସନାତ୍ ଅମେହଦ୍ ସାହେବ, ସଦର ମଜ୍ଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀ

୧୧. ମୁକରମା ଅମତୁଲ୍ ହଇ ସାହିବା, ସଦର ଲଜ୍ନା ଇମାଇଲା ଜର୍ମାନୀ

୧୨. ମୁକରମ୍ ରଶିଦ୍ ଅର୍ଶଦ୍ ଖାନ୍ ସାହେବ, ଅଡ଼ିସନାଲ୍ ସେକେଟ୍ରାରୀ ଜାଏଦାଦ୍ ବରାଏ ମନ୍ସୁବା ସୌ ମସାଜିଦ୍

୧୩. ମୁକରମ୍ ଇସ୍ତିଆକ୍ ଅହେମଦ୍ ସାହେବ୍, ରିଜିଓନାଲ୍ ଅମୀର୍ ଏବଂ ସଦର ଯମାତ୍ ନର୍ଦ୍ଦନ

୧୪. ମୁକରମ ଖାଜା ଶବୀର୍ ଅହେମଦ୍ ସାହେବ୍, ସେକ୍ରେଟାରୀ ତର୍ବିୟତ୍ ନାର୍ଲଡ଼୍ହନ୍

୧୫. ମୁକରମ ଫସିହୁଦ୍ଦିନ୍ ଇର୍ଫାନ୍ ସାହେବ୍, ଜଇମ୍ ଅନ୍ସାରୁଲା ନାର୍ଲଡ଼୍ହନ୍

୧୬. ମୁକରମ୍ ସ୍ୱାଲେହ ଅହେମଦ୍ ସାହେବ, କାଏଦ୍ ମଜ୍ଲିସ୍ ଖୁଦାମୁଲ୍ ଅହେମଦୀୟା ନାର୍ଲଡ଼୍ହନ୍

୧୭. ମୌତରମା ମୁବାରକା ଇର୍ଫାନ୍ ସାହିବା, ସଦର ଲଜ୍ନା ଇମାଇଲାଃ ନାର୍ଲଡ଼୍ହନ୍

୧୮. ମୁକରମ ଅତାଉଲ୍ ଅଲିମ୍ ସାହେବ

୧୯. ଅଜିଜା ଫଉଜିଆ ଫୈସଲ୍ ମଲକ୍ ୱାକିଫାଏ ନୌ

୨୦. ଅଜିଜମ୍ ୟହିଆ ୟୁସୁଫ୍, ୱାକିଫେ ନୌ

ଭିତିପ୍ରସ୍ତର ସ୍ଥାପନ ଉତ୍ସବର ଶେଷରେ ହଜୁର ଅନୱର ଅ:ବ:ଅ ଦୁଆ କରାଇଲେ, ଦୁଆ ପରେ ହଜୁର ଅନୱର ଅ:ବ:ଅ ଲଜ୍ନାମାନଙ୍କ ସାମିଆନା ଭିତରକୁ ଗଲେ ଯେଉଁଠାରେ ଛୋଟଛୋଟ ଝିଅପିଲାମାନେ ପ୍ରାର୍ଥନା ମୁଳକ ନଜମ୍ ପରିବେଷଣ କଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି କୁନି କୁନି ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଏହି ପ୍ରୋଗ୍ରାମ ପରେ ହଜୁର ଅନୱର ଅ:ବ:ଅ ସେହି ଟେଂଟ ଭିତରେ ପ୍ରବେଶ କଲେ ଯେଉଁଠାରେ ସବୁ ଅତିଥିମାନଙ୍କ ପାଇଁ ଦୁଇ ପ୍ରହରର ଖାଇବାର ବ୍ୟବସ୍ଥା କରାଯାଇଥିଲା ।

ଖାଇବା ପାରେ ଏହି ଉତ୍ସବରେ ସାମିଲ ହୋଇଥିବା ମିଡ଼ିଆ ଏବଂ ପ୍ରେସ୍ର ପ୍ରତିନିଧିମାନେ ହଜୁର ଅନୱର ଅ:ବ:ଅଙ୍କଠାରୁ ଇଂଟରଭ୍ୟୁ ନେଲେ ।

ନିମ୍ନଲିଖିତ ମିଡ଼ିଆ ପ୍ରତିନିଧିମାନେ ହଜୁର ଅନୱର ଅ:ବ:ଅଙ୍କ ଇଂଟରଭ୍ୟୁ ନେଲେ ।

୧. TV NDR ଏହା ଉତର ଜର୍ମାନୀର ଟିଭି ଚ୍ୟାନେଲ ଯାହାକୁ କେତେ ମିଲିଅନ୍ ଲୋକେ ଦେଖୁଛନ୍ତି ।

୨. EMS TV ଏହା ଏକ ଲୋକାଲ୍ ଟିଭି ଚ୍ୟାନେଲ୍ ।

୩. FFN Radio ଏହା ମଧ୍ ଉତର ଜର୍ମାନୀର ରେଡ଼ିଓ ଅଟେ । ଏହାକୁ ମଧ ମିଲିୟନ୍ ମିଲିୟନ୍ ସଂଖ୍ୟାରେ ଲୋକମାନେ ଶୁଣୁଛନ୍ତି ।

**ପ୍ରଶ୍ନଉତର**

ଟିଭି ଏବଂ ରେଡ଼ିଓ ଚ୍ୟାନେଲର ପ୍ରତିନିଧିମାନେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରି ବୁଝିଲେ ।

ଆପଣ ଏବେ ବତାଇଥିଲେ ଯେ, ଆପଣ Nordhorn ସହରରେ ଅତିବାହିତ କରି ଏଠାକୁ ଆସିଛନ୍ତି । ଆପଣଙ୍କୁ ଏହି ସହରର କେଉଁ ଜିନିଷଟି ସବୁଠାରୁ ଅଧିକ ପସନ୍ଦ ଆସିଲା ।

ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ମୁଁ ସଫାସୁତୁରା ସଡ଼କ, ସୁନ୍ଦର ସୁନ୍ଦର ଘର ଏବଂ ଏକ ନୀରବ ଓ ଶାନ୍ତିପୂର୍ଣ୍ଣ ଇଲାକାକୁ ଦେଖିବାକୁ ପାଇଛି ।

ଆପଣ ଏଠାକୁ ଦ୍ୱିତୀୟଥର ଜର୍ମାନୀ ଆସିଛନ୍ତି ଏବଂ ଗୋଟିଏ ମସ୍ଜିଦ୍ର ଭିତିପ୍ରସ୍ତର ରଖିଛନ୍ତି ଏହା ଆପଣଙ୍କୁ କେମିତି ଲାଗୁଛି ।

ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ଆମର ଏ ଅଭିଳାଷା ଯେ, ଯେଉଁଠାରେ ମଧ ଆମ ଯମାତ୍ ପ୍ରତିଷ୍ଠା ହେଉ ସେହିଠାରେ ମସ୍ଜିଦ୍ ମଧ୍ୟ ରହିଥିବା ଉଚିତ ଯେଉଁଭଳି ଏକପ୍ରକାର ପ୍ରାକୃତିକ ଇଚ୍ଛା ଅନୁଭବ ହୋଇଥାଏ ଯେ, ଯେଉଁଠି ମଧ୍ୟ ମଣିଷ ରହିଥାଏ ସେଠାରେ ତା'ର ନିଜର ଘର ମଧ ରହୁ । ଆମେ ଚାହୁଁଛେ ଯେ, ଯେଉଁଠି ବି ଗୋଟିଏ ଯମାତ୍ ଅଛି ସେଠାରେ ସେମାନଙ୍କର ମସ୍ଜିଦ ମଧ ହେଉ । ଯେଉଁଠାରେ ସେମାନେ ଏକାଠି ହୋଇପାରିବେ ଏବଂ ବାଯମାତ୍ ଉପାସନା କରିପାରିବେ ।

Nordhorn ଯମାତ୍କୁ ସେମାନଙ୍କ ମସ୍ଜିଦ୍ ନିର୍ମାଣ ପ୍ରସଙ୍ଗରେ ଆପଣ କିପ୍ରକାରର ପୂଣ୍ୟ ଆଶା ଚାହୁଁଛନ୍ତି ?

ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ମୁଁ ନିଜର ମନୋଭାବକୁ ବ୍ୟକ୍ତ ମଧ କରିସାରିଛି ଯେ, ଯେତେବେଳେ ଏହି ମସ୍ଜିଦ୍ ନିର୍ମାଣ ହୋଇଯାଏ ସେତେବେଳେ ଆମ ଯମାତ୍କୁ ନିଜର ଅସଲ ଚରିତ୍ର ଓ ନିଜ ଧର୍ମର ଅସଲ ସ୍ୱରୂପକୁ ଆହୁରି ଅଧିକ ଆକ୍ଟିଭ୍ କରିବା ଉଚିତ ଏବଂ ଏହା ହେଉଛି ଇସ୍ଲାମିୟ ଧର୍ମ ଓ ଏହା ଶାନ୍ତି ପ୍ରେମ ଓ ଭାଇଚାରା ସୃଷ୍ଟି କରିଥାଏ । ସୁତରାଂ ମୁଁ ଆଶା ରଖିଛି ଯେ, ଯେତେବେଳେ ଏହି ମସ୍ଜିଦ୍ ଟି ଶେଷ ହୋଇଯିବ ସେତେବେଳେ ଶାନ୍ତି, ପ୍ରେମ ଓ ଭାଇଚାରାର ବାର୍ତା ଏଠାରୁ ବ୍ୟାପିଯିବ ।

ଆଜିକାର ଏହି ଉତ୍ସବରେ ଶହେରୁ ଉର୍ଦ୍ଧ ଅତିଥିମାନେ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ

Mr, Thomas Berling (Nordhorn).
Helena Hoon Sb. Dy. Counti Commissioner.
Danila Sb. Mayor of Emlichshein
Mayor Neuenha U.S
Mayor Wietmarschen
Mr. Meinhard Ex-Mayor
Mr. Friedel Witte Ex-mayor

ଏବଂ ଏତଦ୍ବ୍ୟତିତ ସିଟି କାଉଂସିଲ୍ର ପ୍ରତିନିଧିଗଣ, ରାଜନୈତିଜ୍ଞମାନେ, ଓକିଲଗଣ, ଶିକ୍ଷକ, ପୋଲିସ୍ ଚିଫ୍, ପାଦ୍ରୀ, ଡ଼ାକ୍ତର, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଚାରିଟିମୂଳକ ସଂଘଟନଗୁଡ଼ିକର ଲୋକମାନେ ସାମିଲ ହୋଇଥିଲେ ।

ଦ୍ୱିପ୍ରହରର ଭୋଜନ ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର ଅନୱର ଅ:ବ:ଅଙ୍କ ନିକଟକୁ ଆସି ସାକ୍ଷାତ କରିବାର ସୌଭାଗ୍ୟ ପାଉଥିଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ଅତିଥିମାନଙ୍କ ସଙ୍ଗେ ବାର୍ତାଳାପ କରୁଥିଲେ ।

ଜଣେ ପୂର୍ବତନ ମେୟର Mr. Friedel Witte ଏକଥା ପ୍ରକାଶ କଲେ ଯେ, ସେ ହଜରତ ଖଲିଫତୁଲ୍ ମସିହି ଚତୁର୍ଥ ରହେମୁଲ୍ଲାହୋଙ୍କୁ ଏଠି ନିଜ ସହରକୁ ଆସିବାପାଇଁ ନିମନ୍ତ୍ରଣ ମଧ୍ୟ ଦେଇଥିଲେ । କିନ୍ତୁ ସେ ଏଠାକୁ ଆସିପାରିଲେ ନାହିଁ, କୌଣସି ଅବସର ମିଳିପାରିଲା ନାହିଁ । ଏବେ ହଜୁର ଅନୱର ଅ:ବ:ଅ ଏଠି ଆମ ସହରକୁ ଆସିଛନ୍ତି ତେଣୁ ମୋର ସେହି ଅଭିଳାଷା ପୁରଣ ହୋଇଯାଇଛି ଯେ, ଖଲିଫତୁଲ୍ ମସିହି ଆମ ସହରକୁ ଆସିଛନ୍ତି ।

ପୁଣି ୩:୪୦ ମିନିଟରେ ଏଠାରୁ ଯାତ୍ରା କରି ହଜୁର ଅନୱର ଅ:ବ:ଅ ହୋଟେଲ୍ ଲେଉଟି ଆସିଲେ, ଜୋହର୍ ଏବଂ ଅସର ନମାଜ ବ୍ୟବସ୍ଥା ସେହି ହୋଟେଲ ରେ ହିଁ କରାଯାଇଥିଲା । ୪:୧୫ ମିନିଟରେ ହଜୁର ଅନୱର ଅ:ବ:ଅ ନମାଜ ଜୋହର୍ ଏବଂ ଅସର ଜମା କରି ପଢ଼ାଇଲେ ।

ନମାଜ ପାଠପରେ ଠିକ୍ ୪:୩୦ ପରେ ଏଠାରୁ ଫ୍ରାଙ୍କଫର୍ଟ ସହର ନିମନ୍ତେ ଯାତ୍ରା ଆରମ୍ଭ ହେଲା ଏଠାରୁ ଫ୍ରାଙ୍କଫର୍ଟର ଦୁରତା ହେଉଛି ୩୫୦ କି.ମି ୪ ଘଂଟା ଯାତ୍ରା କରିବାପରେ ରାତି ୮:୩୦ ସମୟରେ ବଇତୁସ୍ ସବୁହୁ ଫ୍ରାଙ୍କଫର୍ଟଠାରେ ହଜୁର ଅନୱର ଅ:ବ:ଅ ପର୍ଦାପଣ କଲେ । ଯେଉଁଠାରେ ଯମାତ୍ ସଦସ୍ୟମାନେ ଅର୍ଥାତ ପୁରୁଷ ମହିଳା ଛୋଟଛୋଟ ପିଲା ବହୁସଂଖ୍ୟାରେ ନିଜ ପ୍ରୀୟ ମୁନୀବଙ୍କୁ ବହୁତ ଉତ୍ସାହପୂର୍ଣ୍ଣ ଶୈଳୀରେ ସ୍ୱାଗତ ଜଣାଇଲେ । ଛୋଟଛୋଟ ପୁଅଝିଅମାନଙ୍କର ଗ୍ରୁପ୍ସ ଗୁଡ଼ିକ ଅନବରତ ଦୁଆଇୟା ନଜମ୍ ଓ ସ୍ୱାଗତମୂଳକ ସଙ୍ଗିତ ପରିବେଷଣ କରୁଥିଲେ । ଯମାତ୍ର ସମସ୍ତ ସଦସ୍ୟ ପୁରୁଷ ଏବଂ ମହିଳା ନିଜ ନିଜର ହାତକୁ ହଲାଇ ନିଜର ଭାବନା ଓ ପ୍ରେମର ପ୍ରକାଶ କରୁଥିଲେ । **ଅହଲଉଁ ସହଲଉଁ ୱ ମର୍‌ହବା** ର ଧ୍ୱନୀ ଗୁଞ୍ଜନ ହେଉଥିଲା ।

ଯେଉଁ କ୍ଷଣୀ ହଜୁର ଅନୱର ଅ:ବ:ଅ ଗାଡ଼ି ଭିତରୁ ବାହାରକୁ ବାହାରିଲେ ଲୋକାଲ ଅମୀର ସାହେବ୍ ଫ୍ରାଙ୍କଫର୍ଟ ମୁକରମ୍ ଇଦ୍ରିସ୍ ଅହେମଦ୍ ସାହେବ ଏବଂ ମୁବଲିଗ୍ ସିଲ୍ସିଲା ମୁହମ୍ମଦ ଅସରଫ୍ ଯିଆ ସାହେବ ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ କଲେ ଓ ହଜୁର ଅନୱର ଅ:ବ:ଅଙ୍କ ସହିତ କରମର୍ଦ୍ଦନ କଲେ ।

ହଜୁର ଅନୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍ସଲାମୁ ଆଲୈକୁମ୍ କହିଲେ ଓ ଯମାତ୍ ର ସଦସ୍ୟମାନଙ୍କ ଗହଣରେ ଚାଲିଚାଲି ନିଜ ଆବସସ୍ଥଳୀରେ ପ୍ରବେଶ କଲେ ।

ଆଜି ଫ୍ରାଙ୍କଫର୍ଟ ରିଜିଓନ୍ର ଯମାତ୍ଗୁଡ଼ିକ ବ୍ୟତିତ Bad Homburg, Wisbadan, Hanau, Gross Gerau, Morfel Den, Friedberg, ହମ୍ବର୍ଗ, ବର୍ଲିନ, କୋବଲନ୍ଜ, କୋଲନ୍, ଲମବର୍ଗ ଏବଂ ଚେମିନିଜ୍ ଯମାତ୍ଗୁଡ଼ିକରୁ ଓ ସହରଗୁଡ଼ିକରୁ ଲୋକମାନେ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ କରିବାପାଇଁ ଆସି ପହଂଚିଥିଲେ ।

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଆମର ସମସ୍ତ ୱହ୍ଦାଦାର୍ ଯେକୌଣସି ସ୍ତରର ୱହ୍ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

କୋବଲନ୍‌ଜ ଆସିଥିବା ସଦସ୍ୟମାନେ ୧୩୫ କି.ମି କୋଲନ୍‌ରୁ ୧୭୫ କିମି, ହମ୍‌ବର୍ଗରୁ ୫୦୦ କିମି ଏବଂ ବର୍ଲିନରୁ ଆସିଥିବା ସଦସ୍ୟମାନେ ୫୫୦ କିମି ର ଲମ୍ବା ଯାତ୍ରାକୁ ଅତିବାହିତ କରି ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠାରେ ଆସି ପହଂଚିଥିଲେ । ଠିକ୍ ୯:୦୦ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନମାଜ୍ ମଗ୍‌ରିବ ଓ ଇଶା ଜମା କରି ପଢ଼ାଇଲେ । ପୁଣି ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ନିଜ ପ୍ରୀୟ ଆକାଙ୍କ ପଛରେ ଉଣା ଅଧିକେ ୧ ହଜାର ପୁରୁଷ ଓ ମହିଳା ଓ ପିଲାମାନେ ନମାଜ ମଗ୍‌ରିବ୍ ଓ ଇଶା ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ । ପୁରୁଷମାନଙ୍କର ଓ ମହିଳାମାନଙ୍କର ହଲ୍‌ଗୁଡ଼ିକ ନମାଜିମାନଙ୍କ ଦ୍ୱାରା ଭରି ଯାଇଥିଲା ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଲୋକମାନେ ନମାଜ ପଢ଼ିବାପାଇଁ ଏଠାରେ ଆସି ପହଂଚିଥିଲେ । ଏହି ନମାଜିମାନଙ୍କ ମଧ୍ୟରେ ଗୋଟିଏ ସଂଖ୍ୟା ସେହି ଲୋକମାନଙ୍କର ମଧ୍ୟ ଥିଲା ଯେଉଁମାନେ ବିଗତ ତିନିମାସ ହେବ ପାକିସ୍ତାନରୁ ଆସି ଜର୍ମାନୀରେ ପହଂଚିଥିଲେ ଓ ସେମାନଙ୍କ ଜୀବନରେ ଖଲିଫତୁଲ୍ ମସିହିଲ୍‌ଙ୍କ ନେତୃତ୍ୱରେ ଏହା ତାଙ୍କର ପ୍ରଥମ ନମାଜ ଥିଲା ଯେଉଁଠି ଏମାନେ ଏହାକୁ ନିଜର ସୌଭାଗ୍ୟ ମଣୁଥିଲେ । ସେଠାରେ ସେମାନଙ୍କର ଆଖି ଅଶ୍ରୁରେ ଭରି ରହିଥିଲା ଏବଂ ଏମାନେ ଏହି ବୈଭବପୂର୍ଣ୍ଣ କ୍ଷଣରୁ ଆଧ୍ୟାତ୍ମିକ ଲାଭ ଉଠାଉଥିଲେ ଓ ଏମାନଙ୍କର ବର୍ଷ ବର୍ଷର ତୃଷ୍ଣା ପ୍ରୀୟ ଆକାଙ୍କ ଦର୍ଶନ ଦ୍ୱାରା ମେଟିଂଗଲା । ଅଲ୍ଲାଃ ତାଲା ଏହି ସୌଭାଗ୍ୟ ଓ ଏହି ବୈଭବ ଆମ ସମସ୍ତଙ୍କ ପାଇଁ ମୁବାରକ୍ କରନ୍ତୁ । ଆମିନ୍..

**ଅତିଥିମାନଙ୍କ ମନୋଭାବ ବ୍ୟକ୍ତ**

ମସ୍‌ଜିଦ୍ ସାଦିକ୍ (Nordhorn, Germany) ଭିତିସ୍ଥାପନ ଉତ୍ସବରେ ସାମିଲ ହୋଇଥିବା ଅତିଥିମାନଙ୍କ ଉପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ଯେଉଁ ଗଭୀର ପ୍ରଭାବ ପକାଇଥିଲା ତାହାକୁ ଅନେକ ଅତିଥି ନିଜର ମନୋଭାବ ବ୍ୟକ୍ତ ନ କରି ରହିପାରିନାହାନ୍ତି ।

ଏହି ଉତ୍ସବରେ ଗୋଟିଏ ଲୋକାଲ୍ ଟିଭି ଚ୍ୟାନେଲ୍‌ର କିଛି ମହିଳା ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ । ସେମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଇଂଟରଭ୍ୟୁ ମଧ୍ୟ ନେଇଛନ୍ତି ।

ଇଂଟରଭ୍ୟୁ ପରେ ଜଣେ ମହିଳା ପ୍ରତିନିଧି ଆଞ୍ଜି ସାହିବା କହିବାକୁ ଲାଗିଲେ, ଏବେ ଯେତେବେଳେ ମୁଁ ଆପଣଙ୍କ ଖଲିଫାଙ୍କର ଇଂଟରଭ୍ୟୁ ନେଉଥିଲି ସେତେବେଳେ ମୋ ସହିତ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା ମୁଁ ସେହି ଘଟଣାକୁ ନିଜ ବନ୍ଧୁମାନଙ୍କୁ ବତାଇ ପାରିବି ନାହିଁ କାରଣ ସେମାନେ ଏକଥା ଭାବିବେ ଯେ, ବୋଧ ହୁଏ ମୁଁ ପାଗଳ ହୋଇଯାଇଛି । ମୁଁ ଆରମ୍ଭରୁ ହିଁ ଆଧ୍ୟାତ୍ମିକବାଦ ଉପରେ ଆଗ୍ରହ ରଖି ଆସିଛି । ଯେତେବେଳେ ଆପଣଙ୍କ ଖଲିଫା ଭାଷଣ ଦେଉଥିଲେ ସେତେବେଳେ ମୋ ମନ ଭିତରେ ପ୍ରବଳ ଇଚ୍ଛା ସୃଷ୍ଟି ହେଲା ଯେ, ମୁଁ ମଧ ହଜୁରଙ୍କ ସହିତ କଥା ହେବି ମୋର କୌଣସି ଯୋଜନା ନଥିଲା, ଯେ ମୁଁ ଇଂଟରଭ୍ୟୁ ନେବି ବୋଲି କିନ୍ତୁ ଏବେ ଏହି ପ୍ରବଳ ଇଚ୍ଛା ସୃଷ୍ଟି ହୋଇଗଲା ଯେ, କାଳେ ମୁଁ ଏପରି କରିପାରେ ।

ପୁଣି ସେ କହିବାକୁ ଲାଗିଲେ ଯେ, ମୋର ଏଠାକୁ ଆସିବା ଏକ ଆକସ୍ମିକ ସଂଯୋଗ ପରେ ହିଁ ସମ୍ଭବ ହୋଇପାରିଛି । ମତେ ଏପରି ଲାଗୁଛି ଯେ, ଈଶ୍ୱର ମତେ ଏଠାକୁ ନେଇ ଆସିଛନ୍ତି ଓ ଖଲିଫାଙ୍କ ସହିତ ଭେଟ କରାଇଛନ୍ତି । କାରଣ ଏପରି ସମ୍ଭବ ନଥିଲା ଯେ, ମୁଁ ଏଠାକୁ ଆସିପାରିଥାନ୍ତି ପୁଣି ସେ କହିବାକୁ ଲାଗିଲେ ଯେ, ଆପଣଙ୍କ ଖଲିଫାଙ୍କ ସହିତ ସାକ୍ଷାତକାର ମୋ ବର୍ଣ୍ଣନାଠାରୁ ବାହାରେ ଥିଲା । ତାଙ୍କ ଆଖିକୁ ଦେଖିବା ବହୁତ ହିଁ ଆଶ୍ଚର୍ଯ୍ୟ ଥିଲା । ମୁଁ ତାଙ୍କ ଆଖିରେ ଏକ ଆଲୋକ ଟନେଲ୍ ଦେଖିବାକୁ ପାଇଲି । ମତେ ଏପରି ଲାଗୁଥିଲା ଯେମିତି ମୁଁ ଈଶ୍ୱରଙ୍କୁ ଅନୁଭବ କରୁଅଛି । ମୋର ଏହି ବିଶ୍ୱାସ ହୋଇଗଲା ଯେ, ଏ ବ୍ୟକ୍ତିଜଣକ ହେଉଛନ୍ତି ଈଶ୍ୱରଙ୍କର ବିଶେଷ ଭକ୍ତ ଓ ଈଶ୍ୱରଙ୍କ ନିକଟରେ ପଂହଚିବାର ଏ ହେଉଛନ୍ତି ମାଧ୍ୟମ ।

ମତେ ଏପରି ଲାଗୁଥିଲା ଯେମିତି ମୋର ବୁଦ୍ଧିଜ୍ଞାନ ହଜିଯାଇଛି ଓ ମତେ ଆସନ୍ତା ଦଶ ଦିନ ପର୍ଯ୍ୟନ୍ତ ବୋଧ ହୁଏ ନିଦ ଆସିବ ନାହିଁ । ଇଂଟରଭ୍ୟୁ ଚାଲିଥିବା ସମୟରେ ମୁଁ ଆଖପାଖର ସବୁକିଛି କଥା ଭୁଲିଗଲି ମତେ ଏକଥା ମଧ ମନେ ନାହିଁ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ କ'ଣ ପ୍ରଶ୍ନ ପଚାରିଛି । କେବଳ ମତେ ଏତିକି ମନେ ଅଛି ଯେ, ହଜୁରଙ୍କ ଆଖି କଥା କହୁଥିଲା, ମୁଁ ଏହି ଦୃଶ୍ୟକୁ କେବେ ଭୁଲିପାରିବି ନାହିଁ । ମତେ ଏମିତି ଅନୁଭବ ହେଉଥିଲା ଯେମିତି ମୁଁ ଏ ଦୁନିଆରେ ନାହିଁ ପୁଣି ସେ କହିବାକୁ ଲାଗିଲେ ଯେ, ମୁଁ ବର୍ତମାନ ବହୁତ କଠିନ ପରିସ୍ଥିତି ଦେଇ ଗତି କରୁଛି କିନ୍ତୁ ଆଜି ହଜୁରଙ୍କ ସହିତ ସାକ୍ଷାତ କରିବାପରେ ଏପରି ଅନୁଭବ ହେଉଛି ଯେ, ମୋର ସମସ୍ତ ସମସ୍ୟାଗୁଡ଼ିକର ସମାଧାନ ହୋଇଯାଇଛି । ମୁଁ ଆଜି କିଛି ନିଷ୍ପତି ନେଇଛି । ସେ ବାରମ୍ବାର ଏକଥା କହିବାକୁ ଲାଗିଲେ ଯେ, ଏହି ଘଟଣାକୁ ମୁଁ କାହାକୁ ଶୁଣାଇ ପାରିବି ନାହିଁ । କାରଣ ଲୋକମାନେ ଭାବିବେ ଯେ, ବୋଧ ହୁଏ ମୁଁ ପାଗଳ ହୋଇଯାଇଛି ।

ଅତିଥିମାନଙ୍କ ମଧ୍ୟରେ ଜଣେ କ୍ୟାଥୋଲିକ୍ ଧର୍ମର ଅନୁଜାଇ Paul Sholand ସାହେବ ମଧ ଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି ମୁଁ ଚର୍ଚ୍ଚ ଯାଉଥିଲି କିନ୍ତୁ ସେଠାରେ ମତେ ସବୁବେଳେ ବ୍ୟତିବ୍ୟସ୍ତତା ଲାଗୁଥିଲା କାରଣ ପାଦ୍ରୀ ସର୍ବଦା ନିଜକୁ ବଡ଼ ଭାବୁଥିଲେ ଓ ଆମକୁ ପାପୀମାନଙ୍କ ସଦୃଶ ନ୍ୟୁନଚକ୍ଷୁରେ ଦେଖୁଥିଲେ କିନ୍ତୁ ଆଜି ଆମକୁ ବହୁତ ସୁନ୍ଦର ଶୈଳୀରେ ସ୍ୱାଗତ କରାଗଲା ଏବଂ ଆପଣଙ୍କ ଖଲିଫା ନା' ତ ମତେ ଓ ନା ଆଉ କାହାକୁ ନ୍ୟୁନଚକ୍ଷୁରେ ଦେଖିଲେ କାରଣ ସେ ଅତ୍ୟନ୍ତ ବିନମ୍ର ସ୍ୱଭାବର ବ୍ୟକ୍ତି ଅଟନ୍ତି । ଖଲିଫାଙ୍କ ବ୍ୟକ୍ତିତ୍ୱରେ କୌଣସି ପ୍ରକାରର କୃତ୍ରିମତା ଦେଖିବାକୁ ମିଳିଲା ନାହିଁ ବରଂ ହଜୁରଙ୍କ ବ୍ୟକ୍ତିତ୍ୱକୁ ଆମେ ବହୁତ ଶାନ୍ତିପୂର୍ଣ୍ଣ ଭାବେ ଅନୁଭବ କଲୁ ଓ ସେଥିରେ ଏକପ୍ରକାର ଶ୍ରେଷ୍ଠତ୍ୱ ଦେଖିବାକୁ ପାଇଲୁ । ସେହିଭଳି ଖଲିଫାଙ୍କୁ ମାନବସମାଜ ପାଇଁ ସହାନୁଭୁତିଶୀଳ ପାଇଲୁ । ପୁଣି ସେ କହିଲେ ଯେ, ଆମେ ହଜୁରଙ୍କ ଆବାଜ୍‌କୁ ବହୁତ ମଧୁର ଅନୁଭବ କଲୁ ଓ ତାହାକୁ ଶୁଣିବା ମନକୁ ଶାନ୍ତି ପ୍ରଦାନ କାରି ଥିଲା । ସେହିପରି ଏହି ପରିବେଶକୁ ପ୍ରେମ, ଭଲ ପାଇବା ଓ ମାନବଜାତି ପାଇଁ ସହାନୁଭୁତିରେ ପରିପୂର୍ଣ୍ଣ ପାଇଲୁ । ଏହା ହିଁ ଜଣେ ପ୍ରକୃତ ମାର୍ଗଦର୍ଶକଙ୍କର ଶୈଳୀ ହୋଇଥାଏ ସେ ପ୍ରତ୍ୟେକଙ୍କୁ ସମ୍ମାନ ଦେଇଥାନ୍ତି ତେଣୁ ଆଜିର ଦିନଟିକୁ ମୁଁ କେବେ ମଧ ଭୁଲିପାରିବି ନାହିଁ ।

Mrs. Jutta ସାହିବା ଯିଏ କାଉନଂସିଲର ଅଟନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ମୁଁ ଖଲିଫତୁଲ୍ ମସିହିଙ୍କ ସୁନ୍ଦର ଅଭିଭାଷଣକୁ ଶୁଣି ଭାବବିହ୍ୱଳ ହୋଇଗଲି ଓ ଅଭିଭାଷଣ ଚାଲିଥିବା ସମୟରେ ମୋ ଆଖିରୁ ଅଶ୍ରୁ ଝରିପଡୁଥିଲା । ତାଙ୍କୁ ପଚାରିବାରେ ସେ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ଚାଲିଥିବା ସମୟରେ ଅହେମଦୀମାନେ ନିଜ ଅଶ୍ରୁକୁ ରୋକିବାପାଇଁ ଚେଷ୍ଟା କରୁଥିଲେ ଏହିପରି ପ୍ରେମଭାବକୁ ଦେଖି ମୁଁ ମୋ ଭାବନାକୁ ମଧ କାବୁରେ ରଖିପାରିଲି ନାହିଁ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଦମର୍ଯ୍ୟାଦା ଓ ପ୍ରତିଷ୍ଠା ସତ୍ୱେ ମଧ ସେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବୋଲି ବିବେଚନା କରୁନାହାନ୍ତି । ହଜୁର ବହୁତ ମେଳାପି, ସାଧା ଏବଂ ମାନବଜାତିର ଶୁଭଚିନ୍ତକ ଅଟନ୍ତି । ସେ ପୁଣି କହିଲେ ଯେ, ସେ କେବେ ଏକଥା ଭାବି ମଧ ନଥିଲେ ଯେ, ଏତେବଡ଼ ବ୍ୟକ୍ତିତ୍ୱ ବିଳମ୍ବରେ ଆସିବାଯୋଗୁଁ କେବେ କ୍ଷମା ଚାହିଁବେ ବୋଲି । ଏକଥା ଆମକୁ ହଜୁରଙ୍କର ବନ୍ଧୁ ବନାଇଦେଇଛି । ଅହେମଦୀମାନଙ୍କର ଖଲିଫାଙ୍କ ସହିତ ଥିବା ପ୍ରେମଭାବକୁ ଦେଖି ମୁଁ ବହୁତ ପ୍ରଭାବିତ ହୋଇଛି । ହଜୁର ହେଉଛନ୍ତି ଶାନ୍ତିର ଦୂତ ହଜୁର ନିଜ ଭାଷଣରେ ଶାନ୍ତିର ଗୁରୁତ୍ୱ, ପ୍ରେମ, କରୁଣା ଏବଂ ଏକତା ଉପରେ ବହୁତ ସୁନ୍ଦର ଶୈଳୀରେ ଜୋର୍ ଦେଇଛନ୍ତି । ଖଲିଫାଙ୍କ ଆବଜ ଅତ୍ୟନ୍ତ ଶାନ୍ତି ପ୍ରଦାନ କାରି ଯେବେ ଖଲିଫାଙ୍କୁ ଦେଖିବେ ସେତେବେଳେ ଏକପ୍ରକାରର ଅଜବ ଓ ଅନୁପମ ଅବସ୍ଥା ସୃଷ୍ଟି ହୋଇଯାଏ । ମୁଁ ଖଲିଫତୁଲ୍ ମସିହିଙ୍କ ବାର୍ତା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଏହାଦ୍ୱାରା ଆଶା ସଂଚାର ମଧ ହୋଇଛି ଓ ତାହା ମୋ ହୃଦୟକୁ ଛୁଇଁ ପାରିଛି ।

ପୂର୍ବତନ ମେୟର ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୁଁ ଏବେ ମୋ ବନ୍ଧୁମାନଙ୍କୁ କହୁଥିଲି ଯେ, ଏବେ ରବିବାର ଦିନ ଚର୍ଚ୍ଚ ଯିବା ଆବଶ୍ୟକତା ନାହିଁ । ଯାହା କିଛି ଜରୁରି ଓ ଭଲ କଥା ଥିଲା ତାହା ଆମକୁ ଖଲିଫା କହିସାରିଛନ୍ତି ।

ଆଉ ଜଣେ ରାଜନିତୀ ବିଶାରଦ କହିଲେ ଯେ, ଯେତେବେଳେ ହଜୁର ହଲ୍ ଭିତରେ ପ୍ରବେଶ କଲେ । ସେତେବେଳେ ତାଙ୍କ ରୁମ ଟାଙ୍କୁରି ଉଠିଲା ସେ ଏପରି କେବେ ପୂର୍ବରୁ ନିଜ ଜୀବନରେ ଅନୁଭବ କରିନାହାନ୍ତି ।

ଏମଲ୍‌ସିଅନ୍ ହାଏନ୍ ସହରର ପ୍ରତିନିଧି ନିଜର ମନୋଭାବକୁ ବ୍ୟକ୍ତି କରି କହୁଛନ୍ତି । ଆମେ ଏହା ଅନୁଭବ କରିପାରିଲୁ ଯେ, ହଜୁରଙ୍କୁ ବହୁତ ଗଭୀର ଜ୍ଞାନ ହାସଲ ଅଛି । ଯେହେତୁ ଆପଣ ରାଜନୈତିଜ୍ଞ ବ୍ୟକ୍ତି ବିଶେଷଙ୍କ ଭାଷଣ ଗୁଡିକ ଉପରେ ତର୍ଜମା କଲେ ଓ ଏ ସହର ସମ୍ବନ୍ଧରେ ମଧ କିଛି କଥା କହିଛନ୍ତି । ହଜୁର ଅତ୍ୟନ୍ତ ଖୁସ୍‌ମିଜାଜ୍ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଅଟନ୍ତି । କାରଣ ବିଳମ୍ବରେ ଆସିବାଯୋଗୁଁ ହଜୁର ଦୁଃଖପ୍ରକାଶ କଲେ ଓ ସ୍ଥାନୀୟ ବାସିନ୍ଦାମାନଙ୍କୁ ବହୁତ ସ୍ନେହରେ ସମ୍ବୋଧନ କଲେ ।

ଜଣେ ଜର୍ମାନୀୟ ମହିଳା ଇଦା ସାହିବା କହୁଛନ୍ତି ଯେ, ବାସ୍ତବରେ ଏହା ବହୁତ ଭଲ ଉତ୍ସବ ଥିଲା । ମୁଁ ଇସ୍‌ଲାମ ସମ୍ବନ୍ଧରେ ଅଧିକ କିଛି ଜାଣିନଥିଲି । କିନ୍ତୁ ଆଜି ଖଲିଫତୁଲ୍ ମସିହି ବହୁତ ସୁନ୍ଦର ଶୈଳୀରେ ବୁଝାଇଦେଲେ ମତେ ତାଙ୍କର ବ୍ୟକ୍ତିତ୍ୱ ବହୁତ ଉଚ୍ଚକୋଟୀର ଲାଗିଲା । ମତେ ବାସ୍ତବରେ ଏହା ଲାଗିଲା ଯେ, ହଜୁର ହେଉଛନ୍ତି ମାନବ ସମାଜର ଶୁଭାକାଂକ୍ଷିଂ । ସେ ପୃଥିବିରେ ଶାନ୍ତି ସ୍ଥାପନ ସୃଷ୍ଟି କରିବାପାଇଁ ଚାହୁଁଛନ୍ତି ସେ ଆମକୁ ଏକଥା ବତାଇଦେଲେ ଯେ, ନିଜ ପଡ଼ୋଶୀମାନଙ୍କର ଧ୍ୟାନ ରଖନ୍ତୁ । ଖଲିଫତୁଲ୍ ମସିହିଙ୍କ ବାର୍ତା ମୋ ଉପରେ ଗଭୀର ପ୍ରଭାବ ପକାଇଛି ।

ଜଣେ ଜର୍ମାନ ବନ୍ଧୁ Mr. G Viers ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ , ମୁଁ ହେଉଛି ଜଣେ କ୍ୟାଥୋଲିକ୍ ଧର୍ମର ଅନୁଯାଇ ଓ ଆଜି ମୁଁ ଆଉଗୋଟିଏ ସୁନ୍ଦର ଧର୍ମ ଅର୍ଥାତ ଇସ୍‌ଲାମ ଧର୍ମ ସମ୍ବନ୍ଧରେ ଶିଖିବାକୁ ପାଇଲି । ଖଲିଫାଙ୍କ ଅଭିଭାଷଣ ଯୋଗୁଁ ମତେ ଇସ୍‌ଲାମ ଉପରେ ଅଧିକ ଗବେଷଣା କରିବାପାଇଁ ଆଗ୍ରହ ହୋଇଛି । ସେ ଆମକୁ ଇସ୍‌ଲାମ୍‌ର ବାସ୍ତବିକତା ବତାଇଛନ୍ତି । ମୁଁ ଜାଣିବାକୁ ପାଇଲି ଯେ, ଇସ୍‌ଲାମର ମୁଳଦୁଆ ହେଉଛି ପ୍ରେମ, ସ୍ୱାଧୀନତା ଏବଂ ଶାନ୍ତି ଉପରେ ପ୍ରତିଷ୍ଠିତ ମତେ ସବୁଠାରୁ ଭଲକଥା ଏହା ଲାଗିଲା ଯେ, ହଜୁର କହିଲେ ଯେ, ଇସ୍‌ଲାମ ପଡ଼ୋଶୀମାନଙ୍କ ଅଧିକାରକୁ ପ୍ରଦାନ କରିବାପାଇଁ ବହୁତ ଜୋର୍ ଦେଇଥାଏ ।

ଜଣେ ପୋଲିସ୍ ଅଫିସର Mr. Sandfortସାହେବ ମଧ ଏହି ଉତ୍ସବରେ

| **ହଜ୍‌ରତ୍ ଅମୀରୁଲ୍** | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ *(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

ସାମିଲ ହୋଇଥିଲେ, ସେ ମହାଶୟ କହିଲେ ଖଲିଫାଙ୍କ ବାର୍ତ୍ତା ଶାନ୍ତିର ବାର୍ତ୍ତା ଥିଲା । ପୁଣି ସେ କହିଲେ ଯେ, ଇସ୍‌ଲାମ୍ ଏକ ସୁନ୍ଦର ଧର୍ମ ଓ ତାକୁ ସ୍ୱାଗତ ଜଣାଇବା ଉଚିତ ନା’ କି ତାକୁ ଭୟ କରିବା ଉଚିତ । ଖଲିଫାଙ୍କର ଏ ଉକ୍ତି ଅର୍ଥାତ ଆମେ ସମସ୍ତେ ହେଉଛେ ଈଶ୍ୱରଙ୍କର ସୃଷ୍ଟିଜ ଏକଥା ମତେ ବହୁତ ଭଲ ଲାଗିଲା । ଏକତା ନା କେବଳ ମୋ ମନକୁ ଛୁଇଁ ପାରିଲା ବରଂ ମୋ ମନ ଭିତରେ ଘର କରି ରହିଗଲା ଓ ସେଠାରେ ହିଁ ଏହା ରହିବ ।

ଜଣେ ଜର୍ମାନୀୟ ବନ୍ଧୁ Mr. Reinhold Valken ସାହେବ କହିଲେ ଯେ, ଖଲିଫତୁଲ୍ ମସିହିଙ୍କ ବାର୍ତ୍ତା ଶାନ୍ତିର ବାର୍ତ୍ତା ଥିଲା ମୋ ପାଇଁ ଆଜିକାର ଏହି ଦିନଟି, ଅନୁପମ ଥିଲା ମୁଁ ପୂର୍ବରୁ କେବେ ଏତେ ସୁନ୍ଦର ଉତ୍ସବରେ ସାମିଲ ହୋଇନାହିଁ ଖଲିଫା ଶରଣାର୍ଥୀମାନଙ୍କ ସମ୍ବନ୍ଧରେ ଏବଂ ମାନବଜାତିର ସେବା ସନ୍ଦର୍ଭରେ ଯେଉଁ କଥାକୁ ଉପସ୍ଥାପନ କଲେ ତାହା ହୃଦୟ ଭିତରେ ଉଷ୍ମତା ଆଣିଦେଉଥିଲା ଓ ତାହା ଏକଥାର ପ୍ରମାଣ ଦେଉଛି ଯେ, ଆପଣମାନେ ଯେଉଁ ବାର୍ତ୍ତା ଦେଉଛନ୍ତି ତା ଉପରେ ନିଜେ ମଧ୍ୟ ପରିଚାଳିତ ହେଉଛନ୍ତି ।

ଜଣେ ଜର୍ମାନୀ ମହିଳା Miss Anika Mollman ସାହିବା କହୁଛନ୍ତି ଯେ, ମୁଁ ଜଣେ ଧାର୍ମିକ ନୁହେଁ ନା ମୁଁ କୌଣସି ଧର୍ମ ଉପରେ ବିଶ୍ୱାସ ରଖେ ବରଂ ପୂର୍ବରୁ ମତେ ଏକଥା ମଧ୍ୟ ଜଣାନଥିଲା ଯେ, ଏ ଦୁନିଆରେ ଜଣେ ଖଲିଫା ଅଛନ୍ତି ବୋଲି, କିନ୍ତୁ ଆଜି ଯେତେବେଳେ ଏହି ଖଲିଫାଙ୍କୁ ଦେଖିବାକୁ ପାଇଲି ଓ ତାଙ୍କ କଥା ଶୁଣିଲି ମୁଁ ଭାବିଲି ଯେ, ଏ ହେଉଛନ୍ତି ଲୋକମାନଙ୍କ ପାଇଁ ଜଣେ ନମୁନା । ତେଣୁ ଆଜି ମୁଁ ଇସ୍‌ଲାମ ସମ୍ବନ୍ଧରେ ସୁନ୍ଦର ମତକୁ ନେଇ ଯାଉଅଛି । ମୁଁ ଏକଥା ଏଠାରେ ଶିଖିବାକୁ ପାଇଲି ଯେ, ମସ୍‌ଜିଦ୍ କେବଳ ଉପାସନା କରିବାପାଇଁ ନୁହେଁ ବରଂ ଲୋକମାନଙ୍କ ସେବାପାଇଁ ମଧ୍ୟ ଉଦ୍ଦିଷ୍ଟ ମୁଁ ଏକଥା ଶିଖିବାକୁ ପାଇଲି ଯେ, ମସ୍‌ଜିଦ୍ ପଡ଼ୋଶୀମାନଙ୍କର ଧ୍ୟାନ ରଖିବାର ସ୍ଥାନ ଅଟେ । ମୁଁ ଏହା ମଧ୍ୟ ଶିଖିଲି ଯେ, ମସ୍‌ଜିଦ୍ ଶାନ୍ତିର ପ୍ରଚାର ପ୍ରସାର କରିବାର ସ୍ଥାନ ଅଟେ । ଇସ୍‌ଲାମ ସମ୍ବନ୍ଧରେ ଯାହା କିଛି ପ୍ରଶ୍ନ ଅଛି ବା ଭୟ ଅଛି ତାହା ଖଲିଫତୁଲ୍ ମସିହି ନିଜର ଅଭିଭାଷଣରେ ଦୂର କରିଦେଲେ ।

ଜଣେ ଯୁବତୀ ଛାତ୍ରୀ ନୈଲା କହିଲେ ମୁଁ ଇସ୍‌ଲାମ ସମ୍ବନ୍ଧରେ କିଛି ମଧ୍ୟ ଜାଣିନଥିଲି କିନ୍ତୁ ଆଜି ମୁଁ ଏହି ଉତ୍ସବର ପରିବେଶ ଏବଂ ଖଲିଫତୁଲ୍ ମସିହିଙ୍କ ଅଭିଭାଷଣକୁ ବହୁତ ସକାରାତ୍ମକ ଏବଂ ବନ୍ଧୁତ୍ୱପୂର୍ଣ୍ଣ ରୂପେ ପାଇଛି । ସବୁଠାରୁ ବଳି ମୁଁ ଏହା ଏଠାରେ ଶିଖିବାକୁ ପାଇଲି ଯେ, ଇସ୍‌ଲାମ ହେଉଛି ଶାନ୍ତିର ଧର୍ମ ।

Andre Musselen ସାହେବ କହିଲେ, ଏହା ଏକ ଅସାଧାରଣ ଓ ବିଶେଷ ଉତ୍ସବ ଥିଲା ମୁଁ ଖଲିଫତୁଲ୍ ମସିହିଙ୍କ ଅଭିଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ସେ ଆମକୁ ପ୍ରକୃତ ସ୍ୱାଧୀନତାର ରାସ୍ତା ଦେଖାଇଛନ୍ତି ।

ଆଉ ଜଣେ ମହିଳା Mrs. Suzanne Koch ସାହିବା କହୁଛନ୍ତି, ମୁଁ ଖଲିଫତୁଲ୍ ମସିହିଙ୍କ ଅଭିଭାଷଣ ଶୁଣି ଆଶ୍ଚର୍ଯ୍ୟ ଚକିତ ରହିଗଲି । କାରଣ ସମ୍ପୂର୍ଣ୍ଣ ଅଭିଭାଷଣଟି ଶାନ୍ତି ଓ ପଡ଼ୋଶୀମାନଙ୍କ ପ୍ରତି ଧ୍ୟାନ ରଖିବା ସମ୍ବନ୍ଧରେ ଥିଲା । ଏ ଯୁଗରେ ଏହି ପ୍ରକାରର ବାର୍ତ୍ତାର ଭୀଷଣ ଆବଶ୍ୟକତା ରହିଛି । କାରଣ ଲୋକମାନେ ଇସ୍‌ଲାମ୍ ବା ଶରଣାର୍ଥୀମାନଙ୍କୁ ଭୟ କରୁଛନ୍ତି । ଯେବେ କି, ଖଲିଫତୁଲ୍ ମସିହି ଆମର ଏହି ଭୟକୁ ଦୂର କରିଦେଲେ । ଅଧିକାଂଶ ଲୋକେ ସ୍ୱାର୍ଥପର ହୋଇଥାନ୍ତି କିନ୍ତୁ ହଜୁର ଅନୱର କହିଲେ ଯେ, ନିଃସ୍ୱାର୍ଥପର ହୋଇଯାଅ ଓ ଅନ୍ୟମାନଙ୍କର ଖିଆଲ୍ ରଖ ।

ଆଉ ଜଣେ ଜର୍ନାଲିଷ୍ଟ ଅତିଥି କହୁଛନ୍ତି ଯେ, ମୁଁ ଏକଥା ଭାବିଥିଲି ଯେ, ଏହି ଉତ୍ସବ ପରେ ମୁଁ ଖଲିଫତୁଲ୍ ମସିହିଙ୍କର ଇଂଟରଭ୍ୟୁ ନେବି କିନ୍ତୁ ଖଲିଫତୁଲ୍ ମସିହିଙ୍କ ଅଭିଭାଷଣ ଶୁଣିବାପରେ କୌଣସି ପ୍ରକାରର ଇଂଟରଭ୍ୟୁର ଆବଶ୍ୟକ ନାହିଁ । କାରଣ ମଣିଷ ମନ ଭିତରେ ଇସ୍‌ଲାମ ସମ୍ବନ୍ଧରେ ଯାହା କିଛି ମଧ୍ୟ ସମ୍ଭାବ୍ୟ ଭୟ ବା ପ୍ରଶ୍ନ ଆସିବାକୁ ଥିଲା । ସେ ସବୁର ଉତର ଖଲିଫତୁଲ୍ ମସିହି ନିଜର ଅଭିଭାଷଣରେ ପ୍ରଦାନ କରିସାରିଛନ୍ତି ।

ଜଣେ ମହିଳା ମିସେସ୍ ମୋନିକା ଓ୍ୱାସରମ୍ୟାନ୍ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ, ଆଜିକାର ଏହି ଉତ୍ସବ ବହୁତ ସୁନ୍ଦର ଥିଲା, ଖଲିଫତୁଲ୍ ମସିହି ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ମୁଁ ଜଣେ କ୍ୟାଥୋଲିକ୍ ଧର୍ମର ଅନୁଯାୟୀ କିନ୍ତୁ ଆଜି ମୁଁ ଜାଣିବାକୁ ପାଇଲି ଯେ, ଆମ ମଧ୍ୟରେ ବହୁତ ଗୁଡ଼ିଏ ବିଷୟ ସମାନ ରହିଛି । ଖଲିଫତୁଲ୍ ମସିହି ଆଜି ପ୍ରମାଣ କରିଦେଲେ ଯେ, ଆମ ମଧ୍ୟରେ ଯେଉଁ ସମାନତା ରହିଛି ତାହା ବହୁତ । ଖଲିଫତୁଲ୍ ମସିହିଙ୍କ କଥା ହୃଦୟ ଭିତରେ ଗଭୀର ପ୍ରଭାବ ପକାଇଛି । ଆଜି ମୁଁ ପ୍ରଥମଥର ପାଇଁ ଇସ୍‌ଲାମର ବାସ୍ତବିକତାକୁ ବୁଝିଚି ।

ଦୁଇଟି ସ୍ଥାନୀୟ ଖବର କାଗଜ Almere Deze Week & Almere Dichtbij ଆଜି ୧୪ ଅକ୍ଟୋବର ୨୦୧୫ ତାରିଖର ପ୍ରକାଶନିରେ ଲେଖିଛି:

**ମସ୍‌ଜିଦ୍ Poort ର ଭିତିପ୍ରସ୍ତର ରଖାଗଲା**

ଅଲ୍‌ମେରେ ପୋର୍ଟରେ ଅଫିସିଆଲି ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଭିତିପ୍ରସ୍ତର ବୁଧବାର ଦିନ ରଖାଗଲା ଏ ଅବସରରେ ଏ ବାର୍ତ୍ତା ଉପରେ ଜୋର ଦିଆଯାଇଛି ଯେ, ଏହି ମସଜିଦ୍‌ଟି କେବେ ମଧ୍ୟ ବିଚ୍ଛିନ୍ନତାବାଦ ଓ ସନ୍ତ୍ରାସବାଦର କାରଣ ହେବ ନାହିଁ ।

ହଜରତ ମିର୍ଜା ମସରୁର୍ ଅହେମଦ୍ ଅହେମଦୀୟା ମୁସ୍‌ଲିମ୍ ଯମାତ୍‌ର ଖଲିଫା ଅଟନ୍ତି ଏବଂ ସେ ଭିତିସ୍ଥାପନ ଉତ୍ସବ ସମୟରେ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତିତ ଯମାତ୍‌ର ବହୁତ ସଦସ୍ୟ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । Deputy Mayor Frits Huis ହେଉଛନ୍ତି ପୋଲିସ୍‌ର ପ୍ରତିନିଧି ସେ ନିଜେ, ସିଖ୍ ସମ୍ପ୍ରଦାୟର ପ୍ରତିନିଧି ଏବଂ ଇହୁଦୀ ସମ୍ପ୍ରଦାୟର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ।

ହଜରତ ମିର୍ଜା ମସରୁର୍ ଅହେମଦ୍ ସ୍ଥାନୀୟ ଲୋକମାନଙ୍କୁ ବତାଇଦେଲେ ଯେ, ବଇତୁଲ୍ ଆଫିୟତ୍‌ର ଅର୍ଥ ହେଉଛି ସୁରକ୍ଷାର ଘର । ଏହି ମସ୍‌ଜିଦ୍ କେବେ ମଧ୍ୟ ବିଚ୍ଛିନ୍ନତାବାଦ ଓ ସନ୍ତ୍ରାସବାଦର କାରଣ ହେବ ନାହିଁ । ବରଂ ଖଲିଫା ଏକଥା କହିଲେ ଯେ, ଏ ମସ୍‌ଜିଦ୍ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ ରହିବ । ଏବଂ ଏଠିକାର ଯମାତ୍‌ର ସଦସ୍ୟମାନେ ଅଲ୍‌ମେରେର ଅଧିବାସୀମାନଙ୍କୁ ସବୁପ୍ରକାରର ସାହାଯ୍ୟ କରିବାପାଇଁ ପ୍ରସ୍ତୁତ ରହିବେ । ***କ୍ରମଶଃ....***

> ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 13 Feb 2020 Issue No. 7

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

## ୧୪ ଅକ୍ଟୋବର ୨୦୧୫ ବୁଧବାର ଦିନର ଅବଶିଷ୍ଟାଂଶ

ନର୍ଦ୍ଦନ ସହରର ମେୟର ଥମାସ୍ ବର୍ଲଙ୍ଗ ସାହେବ୍ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ଯେ, ମହାମହିମ୍ ଖଲିଫତୁଲ୍ ମସିହି ଏବଂ ଯମାତ୍ ଅହେମଦୀୟାର ସଦସ୍ୟବୃନ୍ଦ ! ଏହା ମୋ ପାଇଁ ବହୁତ ସମ୍ମାନର ବିଷୟ ଯେ ଖଲିଫତୁଲ୍ ମସିହି ଯିଏ ହେଉଛନ୍ତି ଯମାତ୍ ଅହେମଦୀୟାର ଆଧାତ୍ମିକ ଗୁରୁ ସେ ନର୍ଦ୍ଦନ ରେ ପଦାର୍ପଣ କରିଛନ୍ତି । ମୁଁ ଆପଣଙ୍କୁ ସ୍ୱାଗତ କରିବାପାଇଁ ସୌଭାଗ୍ୟ ପାଉଛି । ମୁଁ ଜାଣିଛି ଯେ, ଖଲିଫତୁଲ୍ ମସିହିଙ୍କ କାର୍ଯ୍ୟବ୍ୟସ୍ତତା ବହୁତ ଅଧିକା ତେଣୁ ଏତେ ସମୟ ନାହିଁ ସେଥିଯୋଗୁଁ ହଜୁର ଅନଓ୍ୱରଙ୍କ ପାଇଁ ନର୍ଦ୍ଦନ ସହରର ବିଭିନ୍ନ ସ୍ଥାନର ଫଟୋଚିତ୍ର ଉପରେ ଆଧାରିତ ଗୋଟିଏ ପୁସ୍ତକ ଆକାରରେ ଗୋଟିଏ ଉପହାର ପ୍ରସ୍ତୁତ କରିଛି ଓ ମୁଁ ଏହି ଉପହାରଟିକୁ ଦେବାକୁ ଚାହୁଁଛି । (ସୁତରାଂ ମେୟର ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏହି ଉପହାରଟିକୁ ପ୍ରଦାନ କଲେ ।

ପୁଣି ମେୟର ସାହେବ କହିଲେ ଯେ, ଏଠିକାର ଯମାତ୍ ସର୍ବଦା ସହରୀ ବ୍ୟବସ୍ଥା ସହିତ ବହୁତ ଭଲ ସୁସମ୍ପର୍କ ରଖିଛନ୍ତି ଏହି ସୁସମ୍ପର୍କ ପୂର୍ବ ମେୟର ସାହେବଙ୍କ ସହିତ ମଧ୍ୟ ରହିଛି ଓ ଏବେ ମୋ ସହିତ ମଧ୍ୟ ରହିଛି ଏ ଯମାତ୍ ଗୋଟିଏ ସହଯୋଗକାରୀ ଯମାତ୍ ଅଟେ । ତେଣୁ ଯେତେବେଳେ ଯମାତ୍‌ର ମସ୍‌ଜିଦ୍ ନିର୍ମାଣ କରିବାର ପ୍ରୋଗ୍ରାମ ତିଆରି ହେଲା । ସେତେବେଳେ ସେମାନେ ତତ୍‌କ୍ଷଣାତ୍ ମୋ ନିକଟକୁ ଆସିଲେ ଓ ଆମେ ମିଳିମିଶି ଗୋଟିଏ ଉଚିତ ସ୍ଥାନ ଚୟନ କଲୁ । ଏବଂ ମିଳିମିଶି କାମ କଲୁ ।

ମେୟର ସାହେବ ବତାଇଲେ ଯେ, ଏହି ସହରରେ ବିଭିନ୍ନ ପ୍ରକାରର ଫାର୍ମ ଓ କମ୍ପାନୀ ଗୁଡ଼ିକ ହଲାଣ୍ଡ ଓ ଜର୍ମାନୀ ଦେଶର ବିଭିନ୍ନ ସ୍ଥାନରୁ ଆସିଛନ୍ତି ଓ ଏଠରେ ସେମାନଙ୍କର ଘର ତିଆରି ହୋଇଗଲାଣି ଏହିପରି ସେମାନଙ୍କର ପରିବାରଗୁଡ଼ିକ ମଧ୍ୟ ଏଠାକୁ ଆସିଯାଇଛନ୍ତି ତତ୍‌ସହିତ ବିଭିନ୍ନ ସଂସ୍କୃତି ଓ ଭିନ୍ନ ଭନ୍ନ ଧର୍ମକୁ ମାନୁଥିବା ବ୍ୟକ୍ତି ଏଠାରେ ବସବାସ କରୁଛନ୍ତି ସେହିଭଳି ମୁସଲମାନମାନେ ମଧ୍ୟ ଏଠାରେ ବସବାସ କରୁଛନ୍ତି ଉଦାହରଣ ସ୍ୱରୁପ ତୁର୍କ ଯମାତ୍ ଗୁଡ଼ିକ ଅଛନ୍ତି । ସେହିପରି ଅହେମଦୀୟା ମୁସଲିମ ଯମାତ୍ ମଧ୍ୟ ଏଠାରେ ଅଛି ।

ପୁଣି ମେୟର ସାହେବ କହିଲେ ଯେ, ଜର୍ମାନୀକୁ ଯେଉଁ ଶରଣାର୍ଥୀମାନେ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ବହୁତ ନର୍ଦ୍ଦନ ମଧ୍ୟ ଆସୁଛନ୍ତି । ନର୍ଦ୍ଦନ ସହର ବହୁତ ଭଲ ଉଦାହରଣ ପେସ୍ କରୁଛି । ଅର୍ଥାତ ପ୍ରେମ ଓ ସହାର୍ଦ୍ଦ୍ୟ ଦେଖାଉଛନ୍ତି । ଯେଉଁଥିପାଇଁ ମତେ ଏ ସହରର ମେୟର ହୋଇଥିବା ଯୋଗୁଁ ବହୁତ ଗର୍ବ ଅନୁଭବ ହେଉଛି । ଏଠିକାର ବାସିନ୍ଦାମାନଙ୍କ ମଧ୍ୟରେ ଡ଼ର ଓ ଭୟ କମ୍ ଅଛି ସେମାନେ ସମସ୍ୟାଗୁଡ଼ିକର ଅଧିକରୁ ଅଧିକ ସମାଧାନର ବାଟ ଖୋଜୁଛନ୍ତି ।

ପୁଣି ମେୟର ସାହେବ କହିଲେ ଯେ, ମତେ ଏକଥାରେ ବହୁତ ଖୁସି ଲାଗୁଛି ଯେ, ଅହେମଦୀୟା ମୁସଲିମ୍ ଯମାତ୍ ମଧ୍ୟ ନିଜର ସେବା ପେସ୍ କରିଛନ୍ତି ମତେ ଗୋଟିଏ ଚିଠି ମିଳିଛି ଯେଉଁଥିରେ ଯମାତ୍ ବିଶେଷରୂପେ ରହିବାର ବନ୍ଦୋବସ୍ତ ଓ ଅନୁବାଦ କାର୍ଯ୍ୟର ସେବା ପେସ୍ କରିଛି ଏଥିଯୋଗୁଁ ମୁଁ ଯମାତ୍ ଅହେମଦୀୟା ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ମେୟର ସାହେବ କହିଲେ ଯମାତ୍ ଅହେମଦୀୟାର ଯେଉଁ ମୋଟୋ ଅଛି ଅର୍ଥାତ ‘‘ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାଇଁ’’ ହେଉଛି ଏକ ବହୁତ ସୁନ୍ଦର ମୋଟୋ ଏବଂ ମୁଁ ଭଲଭାବରେ ଜାଣିଛି ଯେ, ଯମାତ୍ ଏହା ଉପରେ ପରିଚାଳିତ ମଧ୍ୟ ହେଉଅଛି । ଏବେ ଏ ଯେଉଁ ମସ୍‌ଜିଦ୍ ନିର୍ମାଣ ହେବ ଏହି ମସ୍‌ଜିଦ୍ ସହିତ ମଧ୍ୟ ସହରର ବାସିନ୍ଦାମାନଙ୍କୁ ଯମାତ୍ ସହିତ ଯୋଗାଯୋଗରେ ରହିବାପରେ ଏକଥା ମାଲୁମ୍ ହୋଇଯିବ ଯେ, ଏ ଅହେମଦୀମାନେ ପ୍ରେମ ଓ ସୌହାର୍ଦ୍ଦ୍ୟ ଦେଖାଉଥିବା ଲୋକ ଅଟନ୍ତି ଓ ଏହି ମୋଟୋ ଅନୁସାରେ ନିଜର ଜୀବନକୁ ଅତିବାହିତ କରାଉଛନ୍ତି ।

ଶେଷରେ ମେୟର ସାହେବ କହିଲେ ଯେ, ମୁଁ ଏ ଆଶା କରିବି କି, ଆମେ ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ପୁନର୍ବାର ଖୁବ୍ ଶିଘ୍ର ଏଠାରେ ସାକ୍ଷାତ କରିବା । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ।

ଏହାପରେ ଠିକ୍ ୨:୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

### ହଜୁର ଅନଓ୍ୱର ଅ:ବ:ଅଙ୍କ ମସ୍‌ଜିଦ୍ ସାଦିକ୍ ନର୍ଦ୍ଦନ ଜର୍ମାନୀର ଭିତିପ୍ରସ୍ତର ସ୍ଥାପନ ଅବସରରେ ଅଭିଭାଷଣ

ହଜୁର ଅନଓ୍ୱର ଅ:ବ:ଅ ଅଶ୍‌ହୁଦ୍, ତଉଜ୍ ଏବଂ ତସ୍‌ମିୟା ପାଠ କରିବାପରେ କହିଲେ:

ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥିବୃନ୍ଦ ! ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୁହୁ ଆଜି ଏଠିକାର ଯମାତ୍ ନିଜ ମସ୍‌ଜିଦ୍‌ର ମୁଳଦୁଆ ରଖୁଅଛି ଓ ଏହି ମସ୍‌ଜିଦ୍‌ଟି ସେହି ଆଧାରରେ ସ୍ଥାପନ କରାଯାଉଅଛି ଯେଉଁ ଆଧାରରେ ହଜରତ ଇବ୍ରାହିମ୍ ଆ:ସ ଓ ଇସ୍‌ମାଇଲ୍ ଆ:ସ ଖାନାକାବାର ଭିତିପ୍ରସ୍ତର ସ୍ଥାପନ କରିବା ସମୟରେ ଦୁଆ ଓ ମନସ୍କାମନ ପୋଷଣ କରିଥିଲେ ଅର୍ଥାତ ଏପରି ଲୋକ ଜନ୍ମ ହୁଅନ୍ତୁ ଯେଉଁମାନେ ଅଲ୍ଲାଃ ତାଲାଙ୍କର ଉପାସନା କରୁଥିବେ, ଏପରି ଲୋକ ଜନ୍ମ ହୁଅନ୍ତୁ ଯେଉଁମାନେ ଆଜ୍ଞାକାରୀ ହୋଇଥିବେ । ଆଜ୍ଞାକାରୀ କାହାର ? ଖୁଦାତାଲାଙ୍କର । ଅଲ୍ଲାଃ ତାଲା ଏ ଯୁଗରେ ଯେଉଁ ପୂଣ୍ୟବନ୍ତକୁ ପ୍ରେରଣ କରିଛନ୍ତି ଓ ଯିଏ ମସିହ ମଉଦ ଓ ମେହଦୀ ମଉଦ ହୋଇ ଆସିଛନ୍ତି ସେ କହିଛନ୍ତି ଯେ, ଆସିବାର ଦୁଇଟି ଉଦ୍ଦେଶ୍ୟ ଯାହା ପ୍ରତି ମନୁଷ୍ୟକୁ ଧାନ ଦେବା ଉଚିତ ଓ ଏହି ଦୁଇଟି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ମତେ ଅଲ୍ଲାଃ ତାଲା ପ୍ରେରଣ କରିଛନ୍ତି ଓ ତାହା ହେଉଛି ଏପରି କି, ପ୍ରଥମତଃ ଖୁଦାତାଲାଙ୍କର ହକ୍‌କୁ ପ୍ରଦାନ କର ଏବଂ ତାହାଙ୍କ ଉପାସନାର ହକ୍‌କୁ ପ୍ରଦାନ କର ଓ ତାହାଙ୍କ ପ୍ରତି ଧ୍ୟାନ ଦିଅ ଦ୍ୱିତୀୟଟି ହେଉଛି ଏହା କି, ପ୍ରତ୍ୟେକ ମନୁଷ୍ୟ ଅନ୍ୟ ମନୁଷ୍ୟ ଜାତିର ହକ୍‌କୁ ପ୍ରଦାନ କରୁ । ଅର୍ଥାତ ଦୁଇ ପ୍ରକାରର ହକ୍ ରହିଛି । ପ୍ରଥମଟି ହେଉଛି ଅଲ୍ଲାଃ ତାଲାଙ୍କର ଓ ଦ୍ୱିତୀୟଟି ହେଉଛି ମନୁଷ୍ୟର ହକ୍ ଯାହା ପ୍ରତ୍ୟେକ ମନୁଷ୍ୟ ପାଇଁ ଧାର୍ଯ୍ୟ କର୍ତବ୍ୟ ଅଟେ ଯେ, ସେ ଏଥିପ୍ରତି ଧ୍ୟାନ ଦେଉ ଓ ଏହାକୁ ନିର୍ବାହ କରୁ । ଓ ଏହା ହେଉଛି ସେହି ଦୁଇଟି ବସ୍ତୁ ଯଦି ଏଥିପ୍ରତି ଧ୍ୟାନ ଆକର୍ଷଣ ସୃଷ୍ଟି ହୋଇଯାଏ । ତେବେ ପୃଥିବୀରେ ପ୍ରେମ ଓ ଭଲପାଇବା ସୃଷ୍ଟି ହୋଇଯିବ । ଓ ପ୍ରତ୍ୟେକ ପ୍ରକାରର ଘୃଣା ଭାବ ଦୂର ହୋଇଯିବ ତେଣୁ ଏହି ଘୃଣାଭାବକୁ ଦୂର କରିବାପାଇଁ ମସ୍‌ଜିଦ୍‌ର ମୂଳାଧାର ରଖାଯାଇଥାଏ । ଏହି ଘୃଣାଭାବକୁ ଦୂର କରିବାପାଇଁ ଅଲ୍ଲାଃ ତାଲା ନିଜ ପ୍ରୀୟ ଭକ୍ତମାନଙ୍କୁ ପ୍ରେରଣ କରିଥାନ୍ତି । ଅବତାରମାନଙ୍କୁ ପଠାଇଥାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅମିର ସାହେବ୍ ନିଜ ଭାଷଣରେ ବତାଇ ସାରିଛନ୍ତି ଯେ, ଏଠାରେ ନଦୀ ମଧ୍ୟ ପ୍ରଭାହିତ ହେଉଛି ଏବଂ ପାଣି ହେଉଛି ଜୀବନର ଏକ ମୁଳ ଆଧାର ଓ ଏହା ଜୀବନ ପାଇଁ ଜୁରରୀ ଅଟେ । ଯେଉଁଭଳି ଏହି ଭୌତିକ ପାଣି ଜୀବନ ପାଇଁ ଜରୁରୀ ଅଟେ ସେହିଭଳି ଖୁଦାତାଲା ଆଉ ଏକ ପାଣି ଅବତୀର୍ଣ୍ଣ କରିଛନ୍ତି । ଯାହାକୁ ଆଧ୍ୟାତ୍ମିକ ପାଣି କୁହାଯାଏ ଏବଂ ସେହି ପାଣି କୁ ଅଲ୍ଲାଃ ତାଲା ନିଜ ଅବତାର ଓ ନିଜ ପୂର୍ଣ୍ୟବନ୍ତ ଭକ୍ତମାନଙ୍କ ଜରିଆରେ ପ୍ରେରଣ କରିଥାନ୍ତି ଯେଉଁମାନେ ଏ ସଂସାର ବାସୀଙ୍କୁ ଆଧାତ୍ମିକ ଦୃଷ୍ଟିକୋଣରୁ ଜୀବତ କରାଇଥାନ୍ତି ଏବଂ ସେମାନଙ୍କ ଜୀବନର ସାଧନ ସୃଷ୍ଟି କରିଥାନ୍ତି । ଆମେ ଏ ବିଶ୍ୱାସ ଉପରେ ପ୍ରତିଷ୍ଠିତ ଯେ, ଯେତେବେଳେ ମଧ୍ୟ ଅଲ୍ଲାଃ ତାଲା ଏକଥା ଅନୁଭବ କରିଥାନ୍ତି କି, ଏ ସଂସାରକୁ, ମାନବ ସମାଜକୁ ଆଧାତ୍ମିକ ପାଣିର ଆବଶ୍ୟକତା ପଡ଼ିଥାଏ ସେତେବେଳେ ଅଲ୍ଲାଃ ତାଲା ଏ ଦୁନିଆରେ ନିଜର ପୂର୍ଣ୍ୟବନ୍ତ ଲୋକମାନଙ୍କୁ ପଠାଇଥାନ୍ତି । ଯେଉଁମାନେ ପୁଣି ଏ ଦୁନିଆକୁ ପୂଣ୍ୟ ମାର୍ଗରେ ପରିଚାଳିତ ହେବାପାଇଁ ଧ୍ୟାନ ଆକର୍ଷଣ କରାଇଥାନ୍ତି ଓ ସେମାନଙ୍କୁ ସେମାନଙ୍କର ଅଧିକାର ପ୍ରତି ଧ୍ୟାନ ଆକର୍ଷଣ କରାଇଥାନ୍ତି । ଯେମିତି କି ମୁଁ କହି ସାରିଛି ଯେ, ଅଲ୍ଲାଃ ତାଲାଙ୍କ ଅଧିକାରକୁ ପ୍ରଦାନ କରିବା ଏବଂ ତାହାଙ୍କ ଭକ୍ତଙ୍କର ଅଧିକାରକୁ ପ୍ରଦାନ କରିବା । ଯେତେବେଳେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଥାନ୍ତି ସେତେବେଳେ ପୁଣି ପ୍ରେମ ଓ ଭଲପାଇବାର ପରିବେଶ ଚାରଆଡ଼େ ସୃଷ୍ଟି ହୋଇଯାଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ମୁସଲମାନ ଏ ବିଶ୍ୱାସ ରଖିଛୁ ଯେ, ଅଲ୍ଲାଃ ତାଲା ହେଉଛନ୍ତି ରବୁଲ୍ ଆଲ୍‌ମିନ୍ ଅର୍ଥାତ ଏ ବିଶ୍ୱର ପାଳନକର୍ତା । ସମସ୍ତ ପ୍ରାଣୀ ଜଗତର ପାଳନକର୍ତା ସମସ୍ତ ମାନବଜାତିର ପାଳନକର୍ତା ପ୍ରତ୍ୟେକ ଲୋକ ସେ ମୁସଲମାନ ହୁଅନ୍ତୁ, ଇସାଇ ହୁଅନ୍ତୁ, ଇହୁଦୀ ହୁଅନ୍ତୁ ବା ଯେ କୌଣସି ଧର୍ମର ହୁଅନ୍ତୁ ଅଥବା ବେଳେବେଳେ ଏପରି ବି ଲୋକେ ଥାଆନ୍ତି ଯେଉଁମାନେ କୌଣସି ଧର୍ମ ସହିତ ସମ୍ବନ୍ଧ ରଖିନଥାନ୍ତି, ସେ ଅଲ୍ଲାଃ ତାଲା ତାଙ୍କର ମଧ୍ୟ ପାଳନକର୍ତା ଅଟନ୍ତି । କାରଣ ଏ ପୃଥିବୀରେ ଯେଉଁ ବସ୍ତୁଗୁଡ଼ିକ ମହଜୁଦ୍ ଅଟନ୍ତି ଯେଉଁଥିରୁ ମନୁଷ୍ୟ ଲାଭ ଉଠାଇପାରେ ତାହା ସବୁ ଆମ ଇମାନ୍ ମୁତାବକ ଅଲ୍ଲାଃ ତାଲାଙ୍କ ଦ୍ୱାରା ସୃଷ୍ଟି କରାଯାଇଅଛି ଓ ପ୍ରଦାନ କରାଯାଇଅଛନ୍ତି । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ଯିଏ ଏ ଦୁନିଆରେ ସଂସାରିକ ବୈଭବରୁ ଲାଭ ଉଠାଉଛନ୍ତି ସେ ଅଲ୍ଲାଃ ତାଲାଙ୍କ ଏହି ପାଳନକର୍ତାର ବିଶେଷ ଗୁଣ ଯୋଗୁଁ ହିଁ ଲାଭ ଉଠାଉଅଛି । ତେଣୁ ଯେବେ ଅଲ୍ଲାଃ ତାଲା ପ୍ରତ୍ୟେକଙ୍କ ପାଳନକର୍ତା ଅଟନ୍ତି ତେଣୁ ତାହାକୁ ମାନୁଥିବା ଲୋକେ ତାହାଙ୍କ ଉପରେ ଅଧିକରୁ ଅଧିକ ବିଶ୍ୱାସ ରଖୁଥିବେ ଏବଂ ଏକଥା ଭାବୁଥିବେ ଯେ, ଅଲ୍ଲାଃ ତାଲା ତୁମକୁ ସତ୍ୟତାର ସହିତ ଜଣେ ପୂର୍ଣ୍ୟବନ୍ତକୁ, ଜଣେ ନବୀଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । ତେଣୁ ଆମର ଏହା ମଧ୍ୟ କର୍ତବ୍ୟ ଅଟେ ଯେ, ସମସ୍ତଙ୍କ ପାଇଁ ଯାହା କିଛି ସୁବିଧା ସୁଯୋଗ ରହିଛି ବା ସେବା

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan